ବଡ଼ଦିନର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:238✦25 December 2025 (Thursday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୩୮ ✦୨୫ ଡିସେମ୍ବର ୨୦୨୫ (ଗୁରୁବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ଇତିହାସ ରଚିଲା ଇସ୍ରୋ : ମହାକାଶକୁ ଗଲା ଭାରତର 'ବାହୁବଳୀ'

ଲଞ୍ଚ ହେଲା ବ୍ଲୁ ବର୍ଡ-୬ ସାଟେଲାଇଟ୍

ନୂଆଦିଲ୍ଲୀ,୨୪/୧୨; ଭାରତର ମିଶନ କୁବାର୍ଡ । ସରିଯିବ ଟାଖୁାର ଯୁଗ । ମୋବାଇଲ ଯୋଗଯୋଗ କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ । ମହାକାଶରେ ଇତିହାସ ରଚିଲା ଭାରତର 'ବାହୁବଳୀ' ରକେଟ୍ । ଇସ୍ରୋର ହେଭିଓ୍ୱେଟ୍ ଟାମିଅନ୍ ଲଞ୍ଚ ଭେହକଲ୍ ମାର୍କ-ଏମ୍ (ଏଲ୍ଭିଏମ୍୩) ନିଜର ୮ମ ମିଶନ୍ ଉତ୍କ୍ଷେପଣ ହୋଇଛି । ଏଥର ଆମେରିକାର ଉଦ୍ଭାବକ ଏଏସ୍ସି ସ୍ପେସ୍ମୋବାଇଲ୍ର ଆଗାମି ପିଢ଼ି କମ୍ୟୁନିକେସନ୍ସ ସାଟେଲାଇଟ୍'କୁବାର୍ଡ-୬ ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱାନରୁ ମହାକାଶକୁ ପଠାଯାଇଛି । ଏହାର ଲକ୍ଷ୍ୟ- ସିଧାସଳଖ ମହାକାଶରୁ ସାଧାରଣ ସ୍ମାର୍ଟଫୋନ୍‌କୁ ଚୁଡ଼୍‌ବ୍ୟାଣ୍ଡ ସହଚାଲବା । ମିଶନ ସଫଳ ହେଲେ ଆଉ ମୋବାଇଲ ନେଟୱାର୍କ ପାଇଁ ଟାଖୁାର ଆବଶ୍ୟକତା ପଡ଼ିବ ନାହିଁ । ଟାଖୁାର ଯୁଗ ସରିଯିବ । କୁବାର୍ଡ ବ୍ଲୁ-୨ ସାଟେଲାଇଟ୍ ପୃଥକ ହୋଇ ସଫଳତାର ସହ କକ୍ଷପଥରେ ସ୍ଥାପିତ ହୋଇଛି । ଏହା ସହିତ, ମିଶନ୍ ସଫଳତାର ସହ ସମାପ୍ତ ହୋଇଛି । ମିଶନ୍ ଲଞ୍ଚ ନେଇ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ।ଭାରତରୁ ଆମ ଉତ୍କ୍ଷେପଣ ଯାନ (ରକେଟ୍) ଦ୍ୱାରା ଲଞ୍ଚ ହୋଇଥିବା ଏହା ସବୁଠୁ ଓଜନଦାର ସାଟେଲାଇଟ୍ । ଖୁବାର୍ଡ-୬ ସାଟେଲାଇଟ୍‌ର ଓଜନ ପ୍ରାୟ ୬,୧୦୦ କିଲୋ । କୌଣସି ଭାରତୀୟ ରକେଟ୍ ଦ୍ୱାରା ଲଞ୍ଚ ହୋଇଥିବା ଏହା ସବୁଠୁ ଅଧିକ ଓଜନ । ଭାରତରୁ ଆମ ଉତ୍କ୍ଷେପଣ ଯାନ (ରକେଟ୍) ଦ୍ୱାରା ଲଞ୍ଚ ହୋଇଛି । ଏହା ସବୁଠୁ ଓଜନଦାର ସାଟେଲାଇଟ୍ 'ବାହୁବଳୀ' ନାମରେ ପରିଚିତ ଏଲ୍ଭିଏମ୍୩ ରକେଟ୍ ୪୩.୫ ମିଟର ଉଚ୍ଚ, ଓଜନ ୬୪୦ ଟନ୍ । ଏହା ଭାରତର ସବୁଠୁ ଶକ୍ତିଶାଳୀ ରକେଟ୍ । କୁବାର୍ଡ-୬ ସାଟେଲାଇଟ୍‌ରେ ୨,୨୦୦ ମିଟର ସ୍ପେକ୍ଟ୍ରମ୍‌ରେ ବିସ୍ତୃତ ଆରେ ଆଣ୍ଟେନା ସଂଲଗ୍ନ ହୋଇଛି, ଯାହା ଅତ୍ୟାଧୁନିକ ଆର୍ଥ ଅବିଟ୍‌ରେ ମୁତୟନ ହୋଇଥିବା ସର୍ବବୃହତ । ପୂର୍ବ ଆଣ୍ଟେନାର ତାତା କ୍ଷମତାଠାରୁ ଏହା ୧୦ ଗୁଣ ଅଧିକ କ୍ଷମତାସମ୍ପନ୍ନ । ଷ୍ଟାରଲିଙ୍କ୍ ଜିୟା ଓ୍ୱାନଓ୍ୱେବ୍‌ରୁ ଭିନ୍ନ, ଏଏସ୍‌ସି ସ୍ପେସ୍‌ମୋବାଇଲର ସେଟ୍‌ଲୋଲୋଜି ଡିଜିନଦିନ ସ୍ମାର୍ଟଫୋନରେ ସିଧାସଳଖ ସଂଯୋଗ କରେ । ଏହି ମିଶନ୍ ନୀମୀ ବ୍ୟବସାୟିକ ଉତ୍କ୍ଷେପଣ ଜଗତରେ ଭାରତର ଏଣ୍ଟ୍ରିର ସଙ୍କେତ, ଯାହା ଅରବ ଡଲାର ବିଶ୍ୱ ବଜାରରେ ଭାଗିଦାରୀ ନିମନ୍ତେ ସ୍ପେସ୍‌ଏକ୍ସ, ଏମାଜନ୍‌ସ୍ପେସ୍ ଏବଂ ରୋସକସମୋସ୍ ଭଳି ବଡ଼ କମ୍ପାନିଙ୍କ ସହ ପ୍ରତିଯୋଗିତା କରୁଛି । ଯଦି ମିଶନ୍ ସଫଳ ହେଲେ, ସଂଯୋଗରାଜ୍ୟ ନୂଆ ପରିଚୟ ଦେବ । ସ୍ମାର୍ଟଫୋନ୍ ସିଧା ସ୍ପେସ୍ ସହ ଜନନେଟ ହେବ । ବିପର୍ଯ୍ୟୟ ପରିଚାଳନା ନୂଆ ଶକ୍ତି ମିଳିବ । ଦୁର୍ଗମ ଅଞ୍ଚଳରେ ଦ୍ରୁତ ଇଣ୍ଟରନେଟ୍ ପହଞ୍ଚିବ । ମୋବାଇଲ୍ ନେଟୱାର୍କର ପରିଭାଷା ସମ୍ପୂର୍ଣ୍ଣ ବଦଳିଯିବ ।

୨୦ବର୍ଷ ପରେ ଏକାଠି ଲଢିବେ ରାଜ ଠାକରେ ଏବଂ ଉଦ୍ଧବ ଠାକରେ

ନୂଆଦିଲ୍ଲୀ,୨୪/୧୨: ମୁମ୍ବାଇ ନଗର ନିର୍ବାଚନ ପୂର୍ବରୁ ଏକାଠି ନିର୍ବାଚନ ଲଢିବାକୁ ମେଟଂ ଘୋଷଣା କଲେ ଦୁଇଭାଇ ରାଜ ଠାକରେ ଓ ଉଦ୍ଧବ ଠାକରେ । ଏହା ସହ ମୁମ୍ବାଇର ମେୟର ପଦ ପାଇଁ ମରାଠୀ ସମ୍ପ୍ରଦାୟ ରୁ ପ୍ରାର୍ଥୀ କରିବାକୁ ଘୋଷଣା କରିଛନ୍ତି । ୨୦ବର୍ଷ ପରେ ମହାରାଷ୍ଟ୍ର ରାଜନୀତିରେ ଭିନ୍ନଦୃଶ୍ୟ ଦେଖିବାକୁ ମିଳିଛି । ଅଗାମି ବିଏମସି ନିର୍ବାଚନ ଲଢିବାକୁ ମେଟଂ ଘୋଷଣା କରିଛନ୍ତି ରାଜ ଠାକରେ ଓ ଉଦ୍ଧବ ଠାକରେ । ପ୍ରଥମେ ବାଲାସାହେବ ଠାକରେଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ମେ[ଘୋଷଣା କରିଥିଲେ । ବିମସି ନିର୍ବାଚନରେ ରାଜ ଠାକରେଙ୍କ ଦଳ ଏମଏନଏସ ଓ ଉଦ୍ଧବ ଠାକରେଙ୍କ ସୁଟିଟି ଦଳ ଏକାଠି ଲଢିବାକୁ ମେ[ଘୋଷଣା କରିଛନ୍ତି । ମେ[ଘୋଷଣା କରି ରାଜ କହିଛନ୍ତି, ମହାରାଷ୍ଟ୍ର ଦୀର୍ଘ ସମୟ ଧରି ଏହି ସମୟକୁ ଅପେକ୍ଷା କରିଥିଲା । ଆଜି ଆମେ ଆନୁଷ୍ଠାନିକ ଭାବରେ ଏହା ଘୋଷଣା କରୁଛୁ । ଉଦ୍ଧବ କହିଛନ୍ତି, ଆମେ ଏକାଠି ରହିବା ପାଇଁ ଏକାଠି ହୋଇଛୁ । ଉଦ୍ଧବ ଏହା ମଧ୍ୟ କହିଛନ୍ତି ଯେ ମରାଠୀ ମାନଙ୍କ ଆବଶ୍ୟକତାକୁ ଅନୁଧ୍ୟାନ କରାଯିବ । ମହାରାଷ୍ଟ୍ରର ସମସ୍ୟାକୁ ସର୍ବବୃହତ ପ୍ରାଥମିକତା ଭାବରେ ରଖାଯାଇଛି । ରାଜ କହିଛନ୍ତି, ଜନତା ଅପେକ୍ଷା

ଜାତୀୟ ଶିଶୁ ପୁରସ୍କାର ପାଇଁ ମନୋନୀତ ହେଲେ ଆଦିବାସୀ କନ୍ୟା ଜ୍ୟୋତ୍ସ୍ନା

ଗଜପତି,୨୪/୧୨(ନି/ପ୍ର): ଆଦିବାସୀ କନ୍ୟା ୧୭ ବର୍ଷ ବୟସ୍କା ଜ୍ୟୋତ୍ସ୍ନା ଶବରଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ଶିଶୁ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ଜ୍ୟୋତ୍ସ୍ନା ଗଜପତି ଜିଲ୍ଲାର ପେଟକ ଗ୍ରାମ ଅନ୍ତର୍ଗତ ମାର୍ଜକା ପଚାଂଯତ, ରାୟଗଡ଼ କୁଲ୍‌ର କୀର୍ତ୍ତନ ଶବରଙ୍କ କନ୍ୟା । ଆସନ୍ତା ୨୬ ତାରିଖରେ ନୂଆ ଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ଏକ ଭବ୍ୟ ସମାରୋହରେ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା, ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ, ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ ।ତଦ୍ଦିନ ବର୍ଷ ସାରା ଦେଶରୁ କେବଳ ୨୧ ଜଣ ଶିଶୁ ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିବା ବେଳେ, ଓଡ଼ିଶାରୁ ଜ୍ୟୋତ୍ସ୍ନା ଏକମାତ୍ର ଓ ଗଜପତି ଜିଲ୍ଲାରୁ ପ୍ରଥମ ଶିଶୁ ଭାବେ ଏହି ସମ୍ମାନ ଲାଭ କରିଛନ୍ତି । ଜ୍ୟୋତ୍ସ୍ନା ଭାରୋତୋଳନ

'ମହାନଦୀ ବିବାଦର ସମାଧାନ ପାଇଁ ସରକାର ଚେଷ୍ଟା କରୁଛନ୍ତି'

'ପୂର୍ବ ସରକାର କିଛି କରିନଥିଲେ'

ଭୁବନେଶ୍ୱର, ୨୪/୧୨ (ନି/ପ୍ର): ମହାନଦୀ ବିବାଦ ନେଇ ଦୋଷ ଠେଲାଠେଲି । ପୂର୍ବ ସରକାରଙ୍କ ଉପରେ ବର୍ଷିଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି ଯେ, ମହାନଦୀ ପ୍ରସଙ୍ଗରେ ଆପୋଷ ସମାଧାନ ପାଇଁ ସରକାର ଚେଷ୍ଟା କରୁଛନ୍ତି । ଯାହା ପୂର୍ବସରକାର ସମୟରେ ହୋଇପାରି ନଥିଲା । ୨୧ ଜଣ ସାକ୍ଷୀଙ୍କ ମଧ୍ୟରୁ ଗତ ୭ ବର୍ଷ ମଧ୍ୟରେ ମାତ୍ର ଜଣଙ୍କର ସାକ୍ଷ୍ୟ ଗ୍ରହଣ ହୋଇଥିଲା । ଟ୍ରିବ୍ୟୁନାଲ ସହ ପୂର୍ବ ସରକାରଙ୍କର ଆଦୌ ସହଭାଗୀତା ନଥିଲା । ନୂଆ ସରକାର ଆସିବା ପରେ ପ୍ରତି ମାସରେ ଗୋଟେ ଶୁଣାଣି ହେଉଛି । ଟ୍ରିବ୍ୟୁନାଲ ମଧ୍ୟ ଏହାକୁ ଅତି ପାଖରୁ ନିରୀକ୍ଷଣ କରୁଛନ୍ତି । ଆଇନ ମନ୍ତ୍ରୀ ପୁଣି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀସ୍ତରୀୟ ଆଲୋଚନା ସରିଛି । କେନ୍ଦ୍ର ଗୃହ ଏବଂ ଜଳ ଶକ୍ତି ମନ୍ତ୍ରୀଙ୍କ ସହ ମଧ୍ୟ ବୈଠକ ଶେଷ ହୋଇଛି । ମୁଖ୍ୟ ଶାସନ ସଚିବ ଏବଂ ବୈଷୟିକ କମିଟିରେ ମଧ୍ୟ ଆଲୋଚନା ହୋଇଛି । କେତେ ପାଣି ଆବଶ୍ୟକ ତାହା ସ୍ଥିର କରି ବୈଷୟିକ କମିଟି ସମାଧାନ କରିବେ । ବିଶେଷ ଭାବେ ଅଣମୌସୁମୀ ଋତୁରେ କେତେ ପାଣି ଆବଶ୍ୟକ ସେ ସମ୍ପର୍କରେ ବୈଷୟିକ କମିଟି ଖୁବଶୀଘ୍ର ନିଷ୍କର୍ଷରେ ପହଁଚିବ । ଛତିଶଗଡ଼ ମଧ୍ୟ ଖୁବଶୀଘ୍ର ମନ୍ତ୍ରୀସ୍ତରୀୟ କମିଟି ଗଠନ କରିବାକୁ ଯାଉଛି । ଉଭୟ ରାଜ୍ୟର ମନ୍ତ୍ରୀସ୍ତରୀୟ ବୈଠକରେ ଆଲୋଚନା ହେବ । ପରବର୍ତ୍ତୀ ଶୁଣାଣି ଫେବୃଆରୀରେ ରହିଛି । ଏଯାଏଁ ଯାହା ପଦକ୍ଷେପ ନିଆଯାଇଛି ସେନେଇ ଟ୍ରିବ୍ୟୁନାଲଙ୍କୁ ଅବଗତ କରାଯିବ । ସେହିପରି ଖୁବଶୀଘ୍ର ଆଉ ଥରେ ମନ୍ତ୍ରୀସ୍ତରୀୟ ବୈଠକ ବସିବ । ଛତିଶଗଡ଼ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଆପୋଷ ବୁଝାମଣା କରି ଏହାର ସମାଧାନ କରାଯିବ ।

ମହାରାଷ୍ଟ୍ର ବନ୍ଦ

ଜଣେ ମରାଠୀ ମୁଖ୍ୟମନ୍ତ୍ରୀ ହେବେ । ମହାରାଷ୍ଟ୍ର ରାଜ୍ୟ ନିର୍ବାଚନ ଆୟୋଗ ବୃହନ୍ମୁମ୍ବାଇ ମହାନଗର ନିଗମ (ବିଏମସି) ସମେତ ରାଜ୍ୟର ୨୯ଟି ମହାନଗର ନିଗମ ପାଇଁ ନିର୍ବାଚନ ତାରିଖ ଘୋଷଣା କରିଛନ୍ତି ।

ଆସାମର ପଶ୍ଚିମ କାର୍ବି ଆଙ୍ଗଲାଙ୍ଗ ଜିଲ୍ଲା ଅଶାନ୍ତ

ଗୌହାଟୀ,୨୪/୧୨: ଆଦିବାସୀଙ୍କ ପାଇଁ ସଂରକ୍ଷିତ ଥିବା ଗୋଚର ଜମିରେ ଅବୈଧ ଭାବେ ରହୁଥିବା ଲୋକଙ୍କୁ ହଟାଇବା ଦାବିରେ ଆସାମର ପଶ୍ଚିମ କାର୍ବି ଆଙ୍ଗଲାଙ୍ଗ ଜିଲ୍ଲା ମଙ୍ଗଳବାର ଦ୍ୱିତୀୟ ଦିନ ପାଇଁ ଅଶାନ୍ତ ରହିଛି । ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଉଗ୍ରରୂପ ଧାରଣ କରିବାରୁ ୨ ଜଣଙ୍କର ମୃତ୍ୟୁ ହେବା ସହିତ ୪୮ ଜଣ ପୁଲିସ ଆହତ ହୋଇଛନ୍ତି । ବଙ୍କା, ପୋଡ଼ାଜଳା ଓ ବ୍ୟାପକ ଭଙ୍ଗାରୁଜା ଜାରି ରହିଛି । ବିଖୋଭକାରୀ ଦୋକାନ ବଜାରରେ ଭଙ୍ଗାରୁଜା ଓ ପୋଡ଼ାଜଳା କରୁଥିବାବେଳେ ଖେରୋନିରେ ପୁଲିସ ଉପରକୁ ବୋମା, ପଥର ଓ ଧନୁତୀରରେ ଆକ୍ରମଣ କରାଯାଇଛି । ସୋମବାର ସନ୍ଧ୍ୟାରୁ ଜିଲ୍ଲାରେ ବିଏନ୍‌ଏସ୍‌ଏସ୍ ଧାରା ୧୬୩ ଲାଗୁ ହୋଇଥିଲେ ମଧ୍ୟ ହିଂସା ନିୟନ୍ତ୍ରଣକୁ ଆସିପାରି ନାହିଁ । ହିଂସାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପଶ୍ଚିମ କାର୍ବି ଆଙ୍ଗଲାଙ୍ଗ ଓ କାର୍ବି ଆଙ୍ଗଲାଙ୍ଗ ଜିଲ୍ଲାରେ ଇଂଟରନେଟ୍ ଓ ମୋବାଇଲ୍ ସେବା ବନ୍ଦ କରିଦେଇଛନ୍ତି । ଏଥିସହିତ ଖେରୋନି ଅଂଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଅଧିକ ସୁରକ୍ଷା କର୍ମୀ ମୁତୟନ ହେବେ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି । ଦ୍ରୁତଧାର ସେନାର ଫ୍ଲାଗ୍‌ମାର୍ଚ୍ଚ ହେବ । କର୍ବି ଆଦିବାସୀ ସମୁଦାୟ ପଶ୍ଚିମ୍ବ ଗୋଚର ଭୂମିରୁ ବାହାର ଲୋକଙ୍କୁ ଉଚ୍ଛେଦ କରିବାକୁ ଦାବି କରାଯାଇଛି । ସୋମବାରଠାରୁ ସେଠାରେ ଉପସ୍ଥିତ ଥିବା ପୁଲିସ ଡିଜି ହରମିତ ସିଂହ ଗଣମାଧ୍ୟମକୁ କହିଛନ୍ତି ଯେ, ଜଣେ ଆଇପିଏସ୍ ଅଧିକାରୀଙ୍କ ସମେତ ୪୮ ପୁଲିସ ଆହତ ହୋଇଛନ୍ତି । ତାଙ୍କ କାନ୍ଧରେ ଆଘାତ ଲାଗିଥିବା ଶ୍ରୀ ସିଂହ କହିଛନ୍ତି । ବିଖୋଭକାରୀ ସବୁକାଳି ହିଂସା ଘଟାଇବେନି ବୋଲି କହିଥିଲେ । କିନ୍ତୁ ମଙ୍ଗଳବାର ପୁଣି ଥରେ ଦୋକାନ ଉପରେ ଆକ୍ରମଣ କରିବା ସହିତ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ କରିଛନ୍ତି । ବିଖୋଭକାରୀ ପୁଲିସ ଉପରକୁ ବୋମା ପକାଇଥିଲେ । ଜଣେ ପୁଲିସ କର୍ମଚାରୀଙ୍କ ଉପରେ ତୀରମାଡ଼ ହୋଇଥିବା ଡିଜିପି କହିଛନ୍ତି । ପୁଲିସ ବିଖୋଭକାରୀଙ୍କୁ ଘଉଡ଼େଇବା ପାଇଁ ଲୁଚୁଛୁରା ଗ୍ୟାସ୍ ଓ ରବର ବୁଲେଟ୍‌ମାଡ଼ କରିଥିବା ଡିଜିପି ସୂଚନା ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ପ୍ରକଳ୍ପର ଉଚ୍ଚସ୍ତରୀୟ ସମୀକ୍ଷା

୭୯୬ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର,୨୪।୧୨: ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ପ୍ରକଳ୍ପର ଉଚ୍ଚସ୍ତରୀୟ ସମୀକ୍ଷା । ରାଜ୍ୟର ସହରାଞ୍ଚଳଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା (ଗଝଣଣ) ଅଧୀନ ପ୍ରକଳ୍ପଗୁଡ଼ିକର ବୁଧବାର ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି । ଖାରବେଳ ଭବନରେ ଅନୁଷ୍ଠିତ ଉକ୍ତ ବୈଠକରେ ଗୃହନିର୍ମାଣ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଶ୍ରୀ ଅରିନ୍ଦମ ଚାଲୁଆ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ରାଜ୍ୟର ସମସ୍ତ ପୌର ସଂସ୍ଥା (ଟଖଇଣ୍ଟ) ଭିଡିଓ କନଫରେନ୍ସିଂ ମାଧ୍ୟମରେ ସଭାରେ ଅଂଶଗ୍ରହଣ କରିଥିଲେ । ସମୀକ୍ଷାରୁ ପ୍ରକାଶ ଯେ, ଚଳିତ ଆର୍ଥିକ ବର୍ଷ ପାଇଁ ଗଝଣଣ ପାଇଁ ୧, ୨୦୦ କୋଟିର ବ୍ୟବସ୍ଥା କରାଯାଇଥିବାବେଳେ ଏ ପର୍ଯ୍ୟନ୍ତ ୬, ୭୦୦ଟି ପ୍ରକଳ୍ପ ଅନୁମୋଦିତ ହୋଇଛି ଏବଂ ୭୯୬ କୋଟି ଟଙ୍କା ମଞ୍ଜୁର କରାଯାଇଛି । ମନ୍ତ୍ରୀ ଡ. ମହାପାତ୍ର ସମସ୍ତ ପୌରସଂସ୍ଥାରୁ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ତ୍ୱରାନ୍ୱିତ ହେବା ସହ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବିଳମ୍ବ ପ୍ରତି ଶୂନ୍ୟ ସହିଷ୍ଣୁତା ରହିବ ବୋଲି ସେ ସ୍ପଷ୍ଟ କରିଥିଲେ । ସେହିପରି ପ୍ରକଳ୍ପର ଗୁଣବତ୍ତାରେ କୌଣସି ପ୍ରକାର ସାଲିସ୍ ଗ୍ରହଣୀୟ ନୁହେଁ ବୋଲି ସେ ଜୋର ଦେଇ କହିଥିଲେ, କାରଣ ଏହି ଯୋଜନା ସହରବାସୀଙ୍କ ଆକାଂକ୍ଷା ପୂରଣ ଓ ସହରୀ ଢାଚାଂର ରୂପାନ୍ତର ପାଇଁ ଉଦ୍ଦିଷ୍ଟ । ମନ୍ତ୍ରୀ କହିଥିଲେ ଯେ, ଟଖଇଣ୍ଟମାନଙ୍କ ଦ୍ୱାରା ପ୍ରସ୍ତାବିତ ସମସ୍ତ ପ୍ରକଳ୍ପକୁ ସରକାରଙ୍କ ଅନୁମୋଦନ ସହ ଆବଶ୍ୟକ ଅର୍ଥ ସହାୟତା ମିଳିଛି । ତେଣୁ ଅନୁମୋଦନ ପର୍ଯ୍ୟାୟରୁ ସିଧାସଳଖ ତଳସ୍ତରରେ କାର୍ଯ୍ୟ ଆରମ୍ଭ କରିବାକୁ ସେ ପୌର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗଝଣଣ ଅଧୀନରେ ମାନକ, ଡିଜାଇନ, ପ୍ରାଯୁକ୍ତିକ ମାନଦଣ୍ଡ ଓ ଉନ୍ନତ ନିର୍ମାଣ ଗୁଣବତ୍ତା ପାଳନ ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ । ପ୍ରମୁଖ ସଚିବ ଶ୍ରୀମତୀ ପାଢ଼ୀ ଅଗ୍ରିମ ପରିକଳ୍ପନା, ଟିମ୍ ୱର୍କ ଓ ବିଭାଗୀୟ ସମନ୍ୱୟ ଉପରେ ଜୋର ଦେଇ କହିଥିଲେ ଯେ, ଏହା ମାଧ୍ୟମରେ ସହରାଞ୍ଚଳ ବୃଦ୍ଧିମାନ ଉନ୍ନତି ସମ୍ଭବ ହେବ । ସେ ଟଖଇମାନଙ୍କୁ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ମଞ୍ଜୁରିପ୍ରାପ୍ତ ଅର୍ଥର ସମ୍ପୂର୍ଣ୍ଣ ସଦୁପଯୋଗ ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ । ରାଜ୍ୟ ସରକାର ସୁଚିନ୍ତିତ, ସମୟବଦ୍ଧ ଓ ଗୁଣବତ୍ତାଭିତ୍ତିକ ସହରୀ ବିକାଶ ପ୍ରତି ନିଜ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି ଏବଂ ଗଝଣଣ ଅଧୀନ ପ୍ରକଳ୍ପଗୁଡ଼ିକ ରାଜ୍ୟର ସମସ୍ତ ସହରବାସୀଙ୍କୁ ସ୍ପଷ୍ଟ ଓ ସ୍ଥାୟୀ ଲାଭ ପ୍ରଦାନ କରିବ ବୋଲି ଆଶା ପ୍ରକାଶ କରିଛନ୍ତି ।



କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ମନରେଗା ଯୋଜନାରେ ଗାନ୍ଧୀଙ୍କ ନାମ ବାଦକୁ କଂଗ୍ରେସର ବିରୋଧ

କେନ୍ଦୁଝର,୨୪/୧୨(ନି/ପ୍ର): କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ କରିଛନ୍ତି । ଆଜି ଏକ ବିଜାତ କଂଗ୍ରେସ କର୍ମୀ ଶୋଭାଯାତ୍ରାରେ ସ୍ଥାନୀୟ କଂଗ୍ରେସ ଭବନ ଠାରୁ କେନ୍ଦୁଝର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ ପର୍ଯ୍ୟନ୍ତ ଯାଇ ବିକ୍ଷୋଭ କରିଥିଲେ ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ଜେନା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ସାଂସଦ ଯଶବନ୍ତ ସିଂ ଲାଗୁରି, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ପୂର୍ବତନ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାୟକ, ସସିପୁରା କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁଚ୍ଚିତ କୁମାର ଚନ୍ଦ୍ର, ଜିଲ୍ଲା ପଞ୍ଚାୟତ କର୍ମ କଂଗ୍ରେସ ସଭାପତି ଯଦୁମଣି ବାରିକ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ବ୍ଲକ ସଭାପତି ସୁଚ୍ଚିତ କୁମାର ନାୟକ, ରାମଚନ୍ଦ୍ର ମହାଗଣ୍ଡା, ଅମିତ କୁମାର ମହାନ୍ତ, ରଂଜିତ ବେହେରା, ହାଡିବନ୍ଧୁ ଖୁଣ୍ଟିଆ, କଂଗ୍ରେସ ନେତା ବସନ୍ତ କୁମାର ଦାସ, ଲଳିତ ମୋହନ ନାୟକ, ଚିତ୍ତରଞ୍ଜନ ପାତ୍ର, ବିନେଶ କୁମାର ରାଉତ, ଜଳଷର କୁମାର ସାହୁ, ସୁଜଳ କୁମାର ସାହୁ, ସୁବଳ ରାଉତ, ଯୁବ ନେତା ମାନସ ରଞ୍ଜନ ଜେନା, ସୁଚ୍ଚିତ ପ୍ରଧାନ, ପ୍ରଦୀପ ବେହେରା, ପ୍ରମୋଦ ବେହେରା, ସୌମ୍ୟରଞ୍ଜନ ରାଉତ, ବିଲ୍ଲୀପ କୁମାର ଜେନା, ହୃଦୟ ରଞ୍ଜନ ସିଂହ, ସୁଶାନ୍ତ କୁମାର ଜେନା, ସୁଜନୀ ନାୟକ ଓ ବିଲ୍ଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଭଣ୍ଡା କେ. ବି ସରକାରୀ ଉଚ୍ଚ ବିଦ୍ୟାଳୟରେ 'ହସ୍ତୀ ସୁରକ୍ଷା ପାଇଁ ସଚେତନତା' କାର୍ଯ୍ୟକ୍ରମ

କେନ୍ଦୁଝର, ୨୪/୧୨(ନି/ପ୍ର): ଚଣ୍ଡୁଆ ବ୍ଲକ ଭଣ୍ଡା ଫଂଚାୟତ ଅନ୍ତର୍ଗତ ଭଣ୍ଡା କେ. ବି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ବହୁମୁଖୀ ସଭାକକ୍ଷ ଠାରେ ଜଙ୍ଗଲ ଓ ପରିବେଶ, ବନ ବିଭାଗ ସହାୟତାରେ ଗତକାଲି ହସ୍ତୀ ସୁରକ୍ଷା ପାଇଁ ସଚେତନତା ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ଯେ ଉକ୍ତ ସଚେତନତା ସଭାରେ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ମହେଶ ଚନ୍ଦ୍ର ମୁଣ୍ଡା ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ସିଦ୍ଧାର୍ଥ କୁମାର ସିଂହ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପ୍ରକୃତି ବନ୍ଧୁ କ୍ଷେତ୍ରବାସୀ ମହାନ୍ତ, ସମ୍ମାନିତ ଅତିଥି ଭାବେ ଉଖୁଣ୍ଡା ସେବସନ କ୍ୟୋଟିପୁର, ଉଖୁଣ୍ଡା ଓ ବନିକା ବିଟ ର ବନରକ୍ଷୀ ସାଗରିକା ବେଜ, ବିଦ୍ୟୁତ ବିଭାଗ ର ଲାଇନ ମେନ ଶ୍ରୀପତି ବେହେରା, ଆମ ଜଙ୍ଗଲ ଯୋଜନା ର କାର୍ଯ୍ୟନିର୍ବାହୀ ଜଦୟ ନାଥ ହୋ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀ ଜୟରୁଧର ମହାନ୍ତ, ସାମ୍ବାଦିକ ପରମାନନ୍ଦ ମହାନ୍ତ ପ୍ରମୁଖ ଯୋଗ ଦେଇ ପରିବେଶ ସୁରକ୍ଷା , ନୂତନ ଜଙ୍ଗଲ ସୃଷ୍ଟି, ହସ୍ତୀ ପ୍ରତି ସମ୍ବେଦନଶୀଳ, ସହାନୁଭୂତି ପ୍ରଦର୍ଶନ କରିବାକୁ ବିଗଦର୍ଶନ ଦେଇ 'ପ୍ରକୃତି ଫଂଚାଇବାକୁ ହସ୍ତୀ ସୁରକ୍ଷା ଜରୁରୀ' ବୋଲି ଅଭିହିତ କରିଥିଲେ । ପ୍ରଥମେ ଅତିଥିମାନେ ମା 'ଚାରିଣୀମା ଙ୍କ ଫଟୋ ଚିତ୍ରରେ ଧୂପ, ପ୍ରଦୀପ ପ୍ରଜ୍ୱଳନ କରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷକ ଦଶରଥ ମହାନ୍ତ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟରୁଧର ମହାନ୍ତ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ କ୍ଷ ବିଦ୍ୟାଳୟ ର ଛାତ୍ରୀ ପୁଷ୍ପାଞ୍ଜଳି ପ୍ରଧାନ, ହିନ୍ଦୀ ଶିକ୍ଷୟିତ୍ରୀ ଗୀତାରାଣୀ ମହାନ୍ତ ହାତୀ ସୁରକ୍ଷା ସଚେତନତା ସମ୍ବନ୍ଧେ ଅଭିଭାଷଣ ପ୍ରଦାନ କରିଥିଲେ କ୍ଷ ବନ ବିଭାଗ ଓ ବିଦ୍ୟୁତ ବିଭାଗର ବିଗଦର୍ଶନରେ ସଚେତନତା ସଭା କାର୍ଯ୍ୟକ୍ରମ ହୋଇଥିବା ବେଳେ ବିଦ୍ୟାଳୟ ର ଲଇକା ବ୍ଲକ ର ସଦସ୍ୟ ସଦସ୍ୟା , ଛାତ୍ର ଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା, ଯୁବକ ସଙ୍ଘ ସଦସ୍ୟ, ଗ୍ରାମ ତଥା ଅଞ୍ଚଳବାସୀ ଏଥିରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୀମାରାଣୀ ନାୟକ, ପୁଣିମା ସାହୁ, ସୋନାଲି ମୁଣ୍ଡା , ଶିକ୍ଷକ ରାଜେନ୍ଦ୍ର ନାଏକ, ବୈକୋଠନ ମହାନ୍ତ, ହେମନ୍ତ ମହାନ୍ତ, ନିମାଇଁ ନାଏକ, ଲୁକନାନନ୍ଦ ମହାନ୍ତ ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ହୋଇଥିଲା ।

କେନ୍ଦୁଝର ଜିଲ୍ଲା ବିଜେପି ପଦାଧିକାରୀଙ୍କ ନାମ ଘୋଷଣା

କେନ୍ଦୁଝର,୨୪/୧୨ (ନି/ପ୍ର): କେନ୍ଦୁଝର ଜିଲ୍ଲା ବିଜେପି ପଦାଧିକାରୀଙ୍କ ନାମ ଘୋଷଣା ହୋଇଛି । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ କେନ୍ଦୁଝର ଜିଲ୍ଲା ବିଜେପି ସଭାପତି ଶୁଭଦେବ ମହାନ୍ତ ଜିଲ୍ଲା ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି । ଜିଲ୍ଲା ଉପସଭାପତି ଭାବେ ଜ୍ଞାନରଞ୍ଜନ ସାମନ୍ତସିଂହାର, ପଂଚାନନ ସାହୁ,ବେଦପ୍ରସାଦ ମିଶ୍ର, ଅସୀମା ମିଶ୍ର,ବିବେକାନନ୍ଦ ମହାନ୍ତ,ସିଦ୍ଧାର୍ଥ ସିଂ, ସୁଦର୍ଶନ ମହାନ୍ତ ଓ ସୋମବାରୀ ମୁଣ୍ଡା ମନୋନୀତ ହୋଇଛନ୍ତି। ସେହିପରି ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ଅନୁବ୍ରତ ବେହେରା, ଅଗନୁ ଚରଣ ମହାନ୍ତ ଓ ଯଶସ୍ୱିନୀ ବଳ, ଜିଲ୍ଲା ସଂପାଦକ ଭାବେ ବୀରକ କୁମାର ଜେନା,ଛେରେବାରା ନାୟକ, ବିଶ୍ୱଜିତ ତ୍ରିପାଠୀ, ଅଶୋକ କୁମାର ବେହେରା, ଝରଣା ମହାନ୍ତ, ବୁଦ୍ଧିନ୍ତ ମହାନ୍ତ, ଅନୁପୁର୍ଣ୍ଣା ବେହୁରୀ, ରଣ୍ଜିତା ପାଣିଗ୍ରାହୀ, ଜିଲ୍ଲା କୋଷାଧ୍ୟକ୍ଷ ଭାବେ ହରିହର ମହାନ୍ତ, କାର୍ଯ୍ୟାଳୟ ସମ୍ପାଦକ ପ୍ରକାଶ ସୂତ୍ରଧର, କାର୍ଯ୍ୟାଳୟ ସହସମ୍ପାଦକ ସୁଶୀଲ କୁମାର ନାଏକ ଙ୍କ ନାମ ଘୋଷଣା କରାଯାଇଛି ବୋଲି ଜିଲ୍ଲା ମିଡିଆ ସଂଯୋଜକ ବ୍ରଜକିଶୋର ରାୟ ସୂଚନା ଦେଇଛନ୍ତି ।

ମଜଲିସ୍ ସାହିତ୍ୟ ସଂସଦ ପକ୍ଷରୁ ବିଶିଷ୍ଟ କବି ଦେବାଶିଷ ଚକ୍ରବର୍ତୀ ସମ୍ବର୍ଦ୍ଧିତ

କେନ୍ଦୁଝର,୨୪/୧୨(ନି/ପ୍ର): ରବିବାର ପୂର୍ବାହ୍ନରେ ସୋରୋ ସ୍ଥିତ ଗାଁ ମଜଲିସ୍ ସାହିତ୍ୟ ସଂସଦର ଛତିଶତମ ବାର୍ଷିକ ଉତ୍ସବରେ ବିଶିଷ୍ଟ କବି ଦେବାଶିଷ ଚକ୍ରବର୍ତୀଙ୍କ କବିତା ରଚନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି । ବିଧାୟକ ମାଧବ ଚନ୍ଦ୍ର ଧଳା, ସାହିତ୍ୟିକା ବୈଜୟନ୍ତି ପଟ୍ଟନାୟକ ଓ ପ୍ରାଧ୍ୟାପକ ଜଗନ୍ନାଥ ଜେନାଙ୍କ ଉପସ୍ଥିତି ଓ ଦଙ୍କର୍ଦ୍ଦରମାଳାନ୍ତି ବେହେରାଙ୍କ ସଭାପତିତ୍ୱରେ ନିରବଚ୍ଛିନ୍ନ ସାହିତ୍ୟ ସାଧନା ପାଇଁ ସର୍ବପୁରାତନ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ସମେତ ଅର୍ଦ୍ଧଶତାବ୍ଦ ସାରସ୍ୱତ ପ୍ରତିଷ୍ଠାନ ଓ ସାହିତ୍ୟ ପତ୍ରିକା ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି । ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ଛୋଡ଼ିଏଟି ପୁସ୍ତକ ରଚନା କରି ଉତ୍କଳୀୟ ବାଣୀ ଭଣ୍ଡାରର ଶ୍ରୀବୃଦ୍ଧି ସାଧନ କରିଛନ୍ତି। ଅନୁଷ୍ଠିତ ସଭାରେ ବିଶିଷ୍ଟ ସାହିତ୍ୟ ସମାଲୋଚକ ପ୍ରଫେସର ଦେବାଶିଷ ଚରଣ ସାମଲ ଶ୍ରୀ ଚକ୍ରବର୍ତୀଙ୍କୁ ମାନପତ୍ର, ଅଙ୍ଗବସ୍ତ୍ରି ଓ ପୁଷ୍ପସ୍ତବକ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରକାଶ ଆଚାର୍ଯ୍ୟ ଶ୍ରୀ ଚକ୍ରବର୍ତୀ ଅଧୁନା କେନ୍ଦୁଝରର ସର୍ବ ପୁରାତନ ସାରସ୍ୱତ ପ୍ରତିଷ୍ଠାନ ମିଳନୀ ସାହିତ୍ୟ ସଂସଦର ସଭାପତି ଭାବରେ ଅବସ୍ଥାପିତ ହୋଇ କେନ୍ଦୁଝରର ସାହିତ୍ୟର ବିକାଶରେ ସକ୍ରିୟ ଭୂମିକା ଗ୍ରହଣ କରି ଆସୁଛନ୍ତି।

ରାଜ୍ୟସ୍ତରୀୟ ୨୫ତମ କେପିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

କେନ୍ଦୁଝର,୨୪/୧୨(ନି/ପ୍ର): ସବର ବ୍ଲକ ଜାଠବାଣ୍ଡୁଣି ନେତାଜୀ ଯୁଥ ଆସୋସିଏସନ୍ ପକ୍ଷରୁ ରାଜ୍ୟସ୍ତରୀୟ ୨୫ତମ କେପିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ ହୋଇଯାଇଛି । ଉଦଘାଟନ ସମାରୋହରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଏସପି ନୀତିନ କୁଶଳକର, ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ବନ ସଂରକ୍ଷଣ ଅଧିକାରୀ ସୁଦୀପ୍ତ କୁମାର ପଣ୍ଡା , ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ବିଜେପି ନେତାବ ବିଶ୍ୱଜିତ୍ ତ୍ରିପାଠୀ ଯୋଗ ଦେଇଥିଲେ । ପ୍ରଥମ ମ୍ୟାଚ୍ କେନ୍ଦ୍ରାପଡ଼ା ଏବଂ ରାଖା ଏକାଦଶ ଚକ୍ରଧରପୁର ଝାଡ଼ଖଣ୍ଡ ମଧ୍ୟରେ ଖେଳା ଯାଇଥିଲା । ଆଜୀ ଏକାଦଶ କେନ୍ଦ୍ରାପଡ଼ା ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୫ ୱିକେଟ୍ ହରାଇ ୨୧୫ ରନ କରିଥିଲେ । ଏହାର ଜବାବ ରେ ଚକ୍ରଧରପୁର ୧୧.୪ ଓଭର ୧୪୩ ରନ କରି ଓଲ୍‌ଆଉଟ୍ ହୋଇଯାଇଥିଲେ । ସୁଶାନ୍ତି ପଣ୍ଡା, ଦିବ୍ୟ ମ୍ୟାଚ୍ ପରିଚାଳନା ସେନ୍ ଲୋହାର, ରଞ୍ଜନ ରାଣା କରିଥିଲେ । ତାରିଣୀ ମିନ୍ତୁଆଙ୍କୁ ସବର, ,ଆଜା ଜାଶ ଆଲୁଜ୍ ଷ୍ଟୋରର ଦାୟିତ୍ୱ ବୁଝାଇଥିବା ବେଳେ ଜାଫ ଫରଲାଲ୍ଲାହ ଧାରାବିବରଣୀ ପ୍ରଦାନ କରିଥିଲେ। ଆସୋସିଏସନ୍‌ର ସଭାପତି ଜଗନ୍ନାଥ ମୋଦି, ସଂପାଦକ ବିଶ୍ୱମିତ୍ର ମହାନ୍ତି, ଉପ ସଭାପତି ପ୍ରସନ୍ନା ସର୍ଦ୍ଦାର, ଭାଇରେଷ୍ଟକ କଲୁଣ ମାଟିଆ ସହଯୋଗ କରିଥିଲେ । ସାରଙ୍ଗ ସଜ୍ଜାସଜ୍ଜିରେ ବୁଲାଲ ମହାନ୍ତି, ମୁଜିବରେ ଜେବେ ମୁଜିବ୍‌ପୁରୁଆ ଏବ ଲାଇଭ ଷ୍ଟୋରିଂରେ ଷ୍ଟଡିଓ ରୋଲ୍ ମିଡିଆ ପ୍ରମୁଖ ସହଯୋଗ କରିଥିଲେ।

ଜିଲ୍ଲାପାଳଙ୍କ ଶିଶୁ ଯତ୍ନ ଅନୁଷ୍ଠାନ ପରିଦର୍ଶନ

କେନ୍ଦ୍ରାପଡା,୨୪/୧୨(ନି/ପ୍ର): ଜିଲ୍ଲାପାଳ, କେନ୍ଦ୍ରାପଡ଼ା ଉତ୍କଳରାମ ଆର ଆୟାର ପଲ୍ଲିଶ୍ରୀ ମହିଳା ସମିତି ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନ, କୋଚୁଆ ପରିଦର୍ଶନ କରିଥିଲେ । ଜିଲ୍ଲାପାଳ ସମସ୍ତ ଅନ୍ତେବାସୀ ପିଲା ମାନଙ୍କୁ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ପରିଚାଳନାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ । ପିଲା ମାନଙ୍କର ଉଚ୍ଚତର ଶିକ୍ଷାକୁ ଗୁରୁତ୍ୱ ଆରୋପ ସହିତ, ବିଶେଷକର ଶିକ୍ଷା କୁ ଆପଣାକ ନିଜର ପରିଚୟ ସହିତ ରୋଜଗାରକ୍ଷମ ହେବାକୁ ଜିଲ୍ଲାପାଳ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ ।

ଭାରତୀୟ ସାମ୍ନାବ୍ୟ ୧୭ ବର୍ଷରୁ କମ ମହିଳା ଫୁଟବଲ ଦଳରେ ସ୍ଥାନ ପାଇଲେ ଆକାସି

କେନ୍ଦୁଝର, ୨୪।୧୨ (ନି/ପ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ବସ୍ତିର ଗୋଲଢେନ ଗାର୍ଲ ଆକାସି ନାଏକ ଭାରତୀୟ ସାମ୍ନାବ୍ୟ ୧୭ ବର୍ଷରୁ କମ ମହିଳା ଦଳରେ ଓଡିଶାରୁ ଏକ ମାତ୍ର ଖେଳାଳି ଭାବେ ସ୍ଥାନ ପାଇ କେନ୍ଦୁଝର ଜିଲ୍ଲା ସହ ସମସ୍ତ ରାଜ୍ୟକୁ ଗୌରାବାନ୍ୱିତ କରିଛନ୍ତି କ୍ଷ ଆକାସି ଏହି କ୍ୟାମ୍ପରେ ଯୋଗ ଦେବା ପାଇଁ ବାଙ୍ଗାଲୋର ର ହାରୋହଲ୍ଲୀ ଅଭିମୁଖେ ଯାତ୍ରା କରିଥିବାର ଜଣାଯାଇଛି କ୍ଷ ଏହି କ୍ୟାମ୍ପରୁ ସାଫ ଗେମ୍ସ ଏବଂ ଏଏଫସି କମିଟିସନ ପାଇଁ ୧୭ ବର୍ଷରୁ କମ ମହିଳା ଭାରତୀୟ ଦଳ ଚୟନ କରାଯିବ ବୋଲି ଜଣାଯାଇଛି । ଗ୍ରାମାଂଚଳର ଏହି ଲୁକ୍ସାୟିତ ଦ୍ରୀତା ପ୍ରତିଭାକୁ ଚିହ୍ନଟ କରି ଜିନ୍ଦଲ ଷ୍ଟିଲ ଫାଉଣ୍ଡେସନର ମୁଖ୍ୟ କୋଚ କୃଷ୍ଣ ଚନ୍ଦ୍ର ମହାନ୍ତ ତାଙ୍କୁ ପ୍ରଥମେ ୨୦୨୦ ମସିହାରେ ଜଳଷଙ୍ଗର ଜେଏସଡବ୍ଲୁଟ୍ ଆଶି ଫୁଟବଲ ଖେଳ ପ୍ରଶିକ୍ଷଣ ଦେଇଥିଲେ କ୍ଷ ପରେ ସେ ନିଜର ଦୃଢ ମନୋବଳ ଏବଂ କଠିନ ପରିଶ୍ରମ ବଳରେ ନିଜର ଖେଳରେ ବହୁତ କିଛି ଉନ୍ନତି ଆଣି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୨୦୨୨ରେ ସୁନ୍ଦରଗଡ଼ରେ ଅବସ୍ଥିତ ରାଜ୍ୟ ଚ୍ଚାତ୍ରା ଛାତ୍ରକ୍ରୀଡ଼ା ସରେ ଯୋଗଦାନ କରି ନିଜର ଖେଳରେ ଅନେକଟା ଉନ୍ନତି ଆଣିଥିଲେ । ଆକାସି ୨୦୨୩ରେ ସବ ଜୁନିଅର ନ୍ୟାସନାଲରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବାର ପ୍ରଥମ ସୁଯୋଗ ପାଇଥିବା ବେଳେ ୨୦୨୪ ଏବଂ ୨୦୨୫ରେ ଜୁନିଅର ନ୍ୟାସନାଲରେ ରାଜ୍ୟ ଦଳକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ କ୍ଷ ଭାରତୀୟ ସାମ୍ନାବ୍ୟ ୧୭ ବର୍ଷରୁ କମ ମହିଳା ଶିବିରରେ ଯୋଗ ଦେବାକୁଯାଉଥିବା ଆକାସିଙ୍କୁ କେନ୍ଦୁଝର ଜିଲ୍ଲା ଚ୍ଚାତ୍ରା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

ଜିଲ୍ଲା ପୋଲିସ ପକ୍ଷରୁ ମଦ୍ୟପାନ କରି ଗାଡି ଚାଳନା ବିରୁଦ୍ଧରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ

କେନ୍ଦୁଝର,୨୪/୧୨(ନି/ପ୍ର): ଆଗାମୀ ନୂତନ ବର୍ଷ ଏବଂ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି, ଯାହା ସାଧାରଣତଃ ଭ୍ରମଣ ଏବଂ ସାଧାରଣ ସମାଗମ ବୃଦ୍ଧି କରିଥାଏ । କେନ୍ଦୁଝର ପୋଲିସ ଜିଲ୍ଲାରେ ଜନସାଧାରଣଙ୍କ ସୁରକ୍ଷା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ଅବୈଧ ମଦ ଏବଂ ମଦ୍ୟପାନ କରି ଗାଡି ଚାଳନା ବିରୁଦ୍ଧରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି । ଏହି ସ୍ୱତନ୍ତ୍ର ଅଭିଯାନ ୧୭.୧୨.୨୦୨୫ ଠାରୁ କାର୍ଯ୍ୟକାରୀ ହେଉଛି ଏବଂ କେନ୍ଦୁଝର ଜିଲ୍ଲାର ସମସ୍ତ ଥାନା ଏବଂ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ କରାଯାଉଛି ଓ ନିରନ୍ତର କାର୍ଯ୍ୟାନୁଷ୍ଠାନର ଫଳସ୍ୱରୂପ, କେନ୍ଦୁଝର ପୋଲିସ ଏହି ଅଭିଯାନ ସମୟରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ଓ ମୋଟ ୪୦ଟି ଅବକାରୀ ମାମଲା ପଞ୍ଜିକୃତ ହୋଇଛି, ଯାହାଦ୍ୱାରା ୨୪୫୧ ଲିଟର ବେଆଇନ ଭାବରେ ଦେଶୀ ମଦ (ଆଇଡି ମଦ) ଏବଂ ୩୨.୧୩ ଲିଟର ବିଦେଶୀ ମଦ (ଏଫଏଲ) ଜବତ କରାଯାଇଛି । ଏହା ସହିତ ବେଆଇନ ମଦ ଉତ୍ପାଦନ ପାଇଁ ଜବିଷ୍ଟ ୫୩୦୦ ଲିଲୋଗ୍ରାମ ମହୁଆ ପୋଡ଼ ଚିହ୍ନଟ ଏବଂ ନଷ୍ଟ କରାଯାଇଛି, ଯାହା ଜିଲ୍ଲାରେ ଅବୈଧ ମଦ ନେଟୱାର୍କକୁ ଏକ ବଡ଼ ଆଘାତ ଦେଇଛି । ସଡ଼କ ଦୁର୍ଘଟଣାକୁ ରୋକିବା ଏବଂ ପର୍ବ ସମୟରେ ସୁରକ୍ଷିତ ଗାଡି ଚାଳନା ସୁନିଶ୍ଚିତ କରିବା ପାଇଁ, ମଦ୍ୟପାନ କରି ଗାଡି ଚାଳନା ବିରୁଦ୍ଧରେ ମଧ୍ୟଯ ଜଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ୬୮ଟି ମଦ୍ୟପାନ କରି ଗାଡି ଚାଳନା ମାମଲା ପଞ୍ଜିକୃତ ହୋଇଛି ଏବଂ କାର୍ଯ୍ୟାନୁଷ୍ଠାନ ଅଭିଯାନର ଅଂଶ ସ୍ୱରୂପ ସମାନ ସଂଖ୍ୟକ ଯାନ ଜବତ କରାଯାଇଛି । କେନ୍ଦୁଝର ପୋଲିସ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି, ବିଶେଷ କରି ପର୍ବପର୍ବାଣୀ ଋତୁରେ ଓ ଅବୈଧ ମଦ ସେବନ କେବଳ ଗୁରୁତର ସ୍ୱାସ୍ଥ୍ୟ ବିପଦ ସୃଷ୍ଟି କରେ ନାହିଁ ବରଂ ଅପରାଧ ଏବଂ ସାମାଜିକ ସମସ୍ୟାକୁ ମଧ୍ୟଯ ଲମ୍ବନ ଦିଏ । ସେହିପରି, ମଦ୍ୟପାନ କରି ଗାଡି ଚାଳନା କେବଳ ଛାତ୍ରଜୀବନ ଜୀବନ ନୁହେଁ ବରଂ ନିରୀହ ରାସ୍ତା ବ୍ୟବ ?ହାରକାରୀଙ୍କ ଜୀବନକୁ ମଧ୍ୟଯ ବିପଦରେ ପକାଇଥାଏ ଓ କେନ୍ଦୁଝର ପୋଲିସ ସମସ୍ତ ନାଗରିକଙ୍କୁ ନୂତନ ବର୍ଷକୁ ଦାୟିତ୍ୱର ସହ ପାଳନ କରିବାକୁ, ଅବୈଧ ମଦ ସେବନକୁ ନିବୃତ୍ତ ରହିବାକୁ ଏବଂ ମଦ୍ୟପାନ କରି ଗାଡି ଚାଳନା କରିବାରୁ ଜଡ଼ାଜଡ଼ି ଦୂରେଇ ରହିବାକୁ ନିବେଦନ କରିଛି ଓ ସମାଜରେ ଶାନ୍ତି, ସୁରକ୍ଷା ଏବଂ ସଦ୍ଭାବ ବଜାୟ ରଖିବା ପାଇଁ ଜନସାଧାରଣଙ୍କ ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଅବୈଧ ମଦ ବ୍ୟବସାୟ କିମ୍ବା ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପ ସମ୍ବନ୍ଧୀୟ କୌଣସି ସୂଚନା ତୁରନ୍ତ ନିକଟତମ ପୋଲିସ ଷ୍ଟେସନ ସହିତ ସେୟାର କରାଯାଇପାରିବ । କେନ୍ଦୁଝର ପୋଲିସ ଜନସାଧାରଣଙ୍କ ସୁରକ୍ଷା ଏବଂ କଲ୍ୟାଣର ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିୟମ ଲଙ୍ଘନର ପ୍ରତି ଶୂନ୍ୟ ସହନଶୀଳତା ସହିତ ଏପରି ଅଭିଯାନ ଜାରି ରଖିବ ବୋଲି ଜିଲ୍ଲା ପୋଲିସ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ପ୍ରକାଶ ପାଇଛି ।

ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ

କେନ୍ଦ୍ରାପଡା,୨୪/୧୨(ନି/ପ୍ର): ସାରବା ଏକାଡ଼େମୀ, ଛଜନା ପୁରାତନ ଛାତ୍

ବିବିଧା

ରାଶି ଫଳ

ମେଷ: ନୂଆ କାମ ଆରମ୍ଭ କରିବା ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ବ୍ୟବସାୟରେ ଗତି ହେବ। ପିତାଙ୍କଠୁ ନିଜ ମତାମତ ରଖିବେ। ପ୍ରେମାସ୍ପଦଙ୍କ ମତାନ୍ତର ଦୂର ହେବ।

ବୃଷ: ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅତିଥିଙ୍କଠୁ ବିବାହ ପ୍ରସ୍ତାବ ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ନୂଆ ଯୋଜନା ସହ ସମ୍ପର୍କ ସ୍ଥାପନ ହେବ।

ମିଥୁନ: ବୁଦ୍ଧ ଛାତ୍ରଙ୍କୁ ଯାତ୍ରାଯୋଗ ଅଛି। ବ୍ୟବସାୟ ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମୀ ଯୁଗଳ ସୁଖର ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ।

କର୍କଟ: ପରିବାରଙ୍କ ସାହାଯ୍ୟ ମିଳିବ। ଛାତ୍ରାବାସରୁ ଶୁଭ ଖବର ମିଳିବ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଅଯଥା କାମରେ ସମୟ ନଷ୍ଟ ହେବ।

ସିଂହ: ମନପସନ୍ଦ କାମରୁ ସନ୍ତୋଷ ମିଳିବ। ଆତ୍ମୁଣ୍ଡି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଅଧିସ୍ୱ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ ବୃତ୍ତକାର୍ଯ୍ୟ ହେବେ।

କନ୍ୟା: ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ଜମି, ଘର ପୁଡ଼ି ଘୁଡ଼ି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଧିସ୍ଥରେ ଅଧିକାରୀଙ୍କ ସହଯୋଗ ହେବେ। ଦାଦିଦିରେ ଦଦରି ସମ୍ପର୍କ ଅଛି।

ତୁଳା: ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବୁଝାସୁଝା ମଜବୁତ ହେବେ। ବିବାହଠାରୁ କଠିନ ପରିଶ୍ରମ କରିବେ।

ବିଛା: ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବନ୍ଧୁଙ୍କ କଥା ଶୁଣିବା ଜରୁରି। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଅଯଥା ସମୟ ଖର୍ଚ୍ଚ କରିବେ।

ଧନୁ: ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପିତାଙ୍କଠାରୁ କଥା ଶୁଣିବା ଦେବା। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ଘରେ ଜନିତ ସମସ୍ୟା ଦେଖା ଦେବ। ଗାଡ଼ିରୁ ଅଧିକାଂଶ ଲାଭ ମିଳିବ ନାହିଁ।

ମକର: ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ପର୍କ ମଜବୁତ ହେବ। ପେଟାଳିର ଶିକାର ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଜମାକାରୀ, ଗାଡ଼ିଙ୍କୁ ଶୁଭ ଖବର ମିଳିବ।

କୁମ୍ଭ: ନରନରିମାନଙ୍କରେ ବିଶ୍ୱାସ ଜିତିବାକୁ ହେବ। ବନ୍ଧୁଙ୍କ ଜଏଣ୍ଟ ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ବ୍ୟବସାୟ ଓ ଆକାରି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଚଳଚଞ୍ଚଳରେ ରହିବେ।

ମୀନ: ଅଫିସରେ କାର୍ଯ୍ୟଭାର ବଢ଼ିବ। ବିବାହକୁ ନେଇ ଚିନ୍ତାରେ ରହିବେ। ନୂଆ ମିତ୍ରଙ୍କ ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ବୈବାହିକ ଜୀବନ ସୁଖମୟ ହେବ।

ଆଜିର ଇତିହାସ

- ୧୭୦୬- ସ୍ପିନୋଜା ପେଗେନ ମତରେ ଭରପୂର ବହିଖା ଲେଖା।
- ୧୮ ୯୪- କଲିକତାରେ ପ୍ରଥମ ଥର ପାଇଁ ମେଲିକାଲ୍ କଲ୍‌ଫରେନ୍ସର ଆୟୋଜନ କରାଯାଏ।
- ୧୯୮୭- ବିଶ୍ୱସ୍ଥିତ ଲୋକଙ୍କୁ ଶ୍ରୀକୃଷ୍ଣଙ୍କ ଗଭେଷଣାରେ ଖୋଲି ଦିଆଯାଏ।
- ୧୯୮୯- ବେଶର ପ୍ରଥମ ଆମ୍ବୁଲେନ୍ସ ପାର୍କ ଏଭିନ୍ୟୁ ଓଡ଼ିଶାରେ ଖୋଲିଲା।
- ୨୦୦୦- ବିଶ୍ୱମାଧ୍ୟମ ଆଲାଇ ବିଶ୍ୱ ଚେସ୍ ଚାମ୍ପିଅନ୍ ହେଲେ।

ସପୁରି କଟାରେ ବିଶ୍ୱ ରେକର୍ଡ

ରେକର୍ଡ ନିଲା ମଣିଷକୁ ଅସାଧାରଣ କାମ କରିବାକୁ ଉତ୍ସାହିତ କରେ। ଏହି କ୍ରମରେ ଦେବୁଗଡ଼ ଅଞ୍ଚଳର ଡୋମିନିକା ଗ୍ରାଣ୍ଡ୍‌ପାରେଣ୍ଟାଲ୍ ନାମ୍ନୀ କଲେଜ ମହିଳା ମାତ୍ର ୧୪.୪୩ ସେକେଣ୍ଡରେ ସପୁରି ଚୋପା ଛଡ଼ାଇବା ସହ ଏହାକୁ ସାରାଇବାର ଜାତି ଗିନିଜ ବୁକ ଅଫ ରେକର୍ଡରେ ସ୍ଥାନିତ ହୋଇଛନ୍ତି। ଏହି ରେକର୍ଡ ବିଜେତାଙ୍କୁ ସିଏସବେଲ୍ ସହଯୋଗ ଜେଲ୍‌ଗମାରେ ଜେମାନି ପଶ୍ଚିମ ଆମୋଡ଼ିକ ଏକ ଇଭେଣ୍ଟ ସମୟରେ କରାଯାଇଥିଲା। ଏଥିରେ ଜେଲ ମୋଟେଣ୍ଟ କମ୍ପାନିର ୧୦ ଜଣ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି କର୍ମଚାରୀମାନେ ନିତିଦିନ କମାନି ପାଞ୍ଚରୁ ସପୁରି ଚୋପା ବାହାର କରିବା ଓ ଜାତିକା କାମ କରୁଥିଲେ। ସେତେବେ ସମସ୍ତ ପୁରୁଣା ରେକର୍ଡ ଭାଙ୍ଗିବାକୁ ଲକ୍ଷ୍ୟ ରଖିଥିଲେ। ପୂର୍ବରୁ ଏହି ରେକର୍ଡ ୧୬.୮୫ ସେକେଣ୍ଡର ଥିଲା। ଖେଳରେ ସପୁରିର ଚୋପା ଚୋପାକୁ ସମ୍ପୂର୍ଣ୍ଣ ଭାବେ ଛାଡ଼ାଇ କରି ଏହାକୁ ଛୋଟ ଛୋଟ କରି ଜାତିବାର ନିୟମ ରଖିଥିଲା। ସେହିପରି କରାଯାଇଥିବା ସପୁରି ବାଣ୍ଡପୁଡ଼ିକ ୩.୮ ସେଣ୍ଟିମିଟରରୁ ବଡ଼ ନ ହେବା ଦିଆଯାଇଥିଲା। ଗିନିଜ୍ ଅଧିକାରୀମାନଙ୍କ ଉପସ୍ଥିତିରେ ଡୋମିନିକା ଆଣ୍ଠିପ୍ରିକାରେ ସପୁରିରୁ ଚୋପା ଛଡ଼ାଇ ଛୋଟ ଛୋଟ ଖଣ୍ଡରେ କାଟି ଦେଇଥିଲେ। ଶେଷରେ ନାଲ୍ଲର ରେକର୍ଡ ଜଣିହୋଇ ଗିନିଜ୍‌ରୁ ଗିନିଜ୍ ବିଶ୍ୱ ରେକର୍ଡର ଜନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ସେୟାର୍ କରାଯାଇଛି।

୩୦ ବର୍ଷ ପରେ ପେଟରୁ ବାହାରିଲା ଲାଇଟର୍

ଚାଉଳର ହେଉଛି ୬୬ ବର୍ଷୀୟ ଦେମାଙ୍କ ପେଟରେ ଲାଇଟର୍ ରହିବା ଘଟଣା ଏବେ ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ତେବେ ଏହି ଲାଇଟର୍ ଖାଲି ପେଟ ଭିତରେ ହିଁ ନୁହେ ବରଂ କିମ୍ବା ବର୍ଷର କି ଦୁଇ ବର୍ଷ ନୁହେଁ, ବରଂ ୩୦ଟି ଧରି ରହିଥିଲା। ରୋଚକତାର ବିଷୟ ହେଉଛି ଏବେ ବି ଏହି ଲାଇଟର୍ କାର୍ଯ୍ୟକ୍ଷମ। ଗଳା ମାଧ୍ୟମରେ ଦେମାଙ୍କ ପେଟ ପୁରିବା ସହ ସେ ଅସ୍ୱସ୍ଥତା ଅନୁଭବ କରିଥିଲେ। ଡାକ୍ତର ଏପରିଟିଟି ରୋଗୀଙ୍କୁ ଭାଦିବି ଔଷଧ ଓ ଡାଏଟରେ ପରିବର୍ତ୍ତନ ଆଣିବାକୁ ଚାହିଁଥିଲେ। ହେଲେ କିଛି କାଲ ହେଲା ନାହିଁ। ପରିସ୍ଥିତି ଏପରି ଖରାପ ହେଲା ଯେ, ସେ ଶୋଇପାରିଲେ ନାହିଁ। ଶେଷକୁ ସେ ହସ୍‌ପିଟାଲ ଗଲେ। କର୍ତ୍ତୃପକ୍ଷମାନ ଟ୍ୟାଣ୍ଡେଣ୍ଟୋପିରୁ ଡାକ୍ତରମାନେ ତାଙ୍କ ପେଟ ଭିତରେ ଏକ ଆକ୍ରମଣକାରୀ ନଦା ଦିନିଷ ଦେଖିଛିଲେ। ତେବେ ଏହି ଜିନିଷଟି ଏଣ୍ଡୋସ୍କୋପିର ମାଧ୍ୟମରେ ବାହାରିବା ବି ସମ୍ଭବ ନ ଥିଲା। ଶେଷୁ ଏହି ଜିନିଷକୁ ପ୍ରଥମେ ଚିହ୍ନଟ କରିବା କରୁରି ବୋଲି କାକ୍ତର ବିଚାର କଲେ। ଡାକ୍ତର ଦେମାଙ୍କୁ ଏବିଷୟରେ ପଚାରିବାରୁ ୪୯ ୯୦ ମସିହାରେ ସାଙ୍ଗମାନଙ୍କ ସହ ପାର୍ଟି କରୁଥିବା ସମୟରେ ତାଙ୍କୁ ଏକ ଦିଆଗେଟ୍ ଲାଇଟର୍ ଗିଡିବାକୁ ଟ୍ୟାଣ୍ଡେଣ୍ଟ କରାଯାଇଥିଲା, ଏହାକୁ ଦେଖିବାରୁ ଦ୍ୟାଦ୍ ଥିଲା ଏବଂ ଲାଇଟର୍‌ଟି କରିଲା। ଡାକ୍ତରମାନେ କହିଲେ ଯେ ଲାଇଟର୍‌ଟି ଖାଲି ପେଟ ଭିତରେ ଥିବା ଯୋଗୁଁ ଏହା ଖୁବ ଭଲ ଭାବେ ସୁରକ୍ଷିତ ଥିଲା।

ଦୁଇଟି ପାର୍ଟରେ ଆସିବ AA22xA6

ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍ ଓ ଏଟ୍‌ଲିଙ୍କ ଫିଲ୍ମ 'AA22xA6' ଅନେକ ଦିନରୁ ଚର୍ଚ୍ଚା ଲାଗି ରହିଛି। ଏଯାବତ୍ ଫିଲ୍ମର ଟାଇଟଲ୍, ଫାଇନାଲ କରାଯାଇ ନାହିଁ। 'ଧୁରନ୍ଧର'ର ସଫଳତାକୁ ଦେଖି ଏଟ୍‌ଲି ଏବେ ଏହାକୁ ଦୁଇଟି ପାର୍ଟରେ ଆଣିବା ପାଇଁ ଯୋଜନା କରୁଥିଲା ଜଣାପଡ଼ିଛି। ଅବଶ୍ୟ ଏମାନେ ଦ୍ୱିଧାଦ୍ୱନ୍ଦ୍ୱ ଭାବେ ସିଦ୍ଧି ନୁହଯାଇ ନାହିଁ। ଏଯାବତ୍ ଫିଲ୍ମର ୫୦% ସୁଟିଂ ସରିଛି। ଏବେ ଏହି ଅଣ୍ଡର ୱାର୍ଲ୍ଡ ଥ୍ରିଲର୍ ସିନ୍ ପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ଏହାର ପ୍ରଥମ ପାର୍ଟର ସୁଟିଂ ପ୍ରାୟତଃ ସରିଯାଇଛି। ଏହର ଟିକର୍ ଆରମ୍ଭ। ଏପ୍ରିଲ୍ ମାସରେ ଆସିବ ବୋଲି କୁହାଯାଇଛି। ଏହାପରେ ଫିଲ୍ମର ସାଉଣ୍ଡ ରିକିଲ୍ ଜେଲ୍ ମଧ୍ୟ ଟିକରଣରେ ଶୋନାଇ କରାଯାଇପାରେ। ଏଥିରେ ଅଲ୍ଲୁ ଦକ୍ଷଲ୍ ରୋଲରେ ନଜର ଆସିବେ। ଦୀପିକା ପାଦୁକୋଣ୍ ଓ ମୃଣାଲ ଠାକୁର ଏଥିରେ ଅଲ୍ଲୁଙ୍କ ସହ ଲିଡ୍ ରୋଲରେ ଦେଖାଯିବେ। ଜାହ୍ନବୀ କପୁର ମଧ୍ୟ ଏଥିରେ ଦେଖାଯିବ ପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ଗିଡ଼ିଗିଡ଼ି ଚକ୍ରରେ ଚାଲିଲା ଏମାନଙ୍କ ଜୀବନ

ଚାକିରିରେ ଅଧିକ ପରିଶ୍ରମ କଲେ ପଦୋନ୍ନତି ମିଳିବା ସହଜ ବୋଲି କୁହାଯାଏ। ଏବେ ଏହି ଚିନ୍ତାଧାରାରେ ପରିବର୍ତ୍ତନ ଆସିଛି। ଜେନ୍ ଜେନ୍ ଏବଂ 'କ୍ୟାରିୟର ମିନିମାଲିଜିମ୍' ଜପରେ ଧ୍ୟାନ ଦେଉଛନ୍ତି। ମୁଖ୍ୟତଃ ଗିଡ଼ିଙ୍କଠାରୁ କାମକୁ ନେଇ ସେମାନଙ୍କ ଦୃଷ୍ଟିକୋଣ ଭିନ୍ନ। କାରଣ ଜେନ୍ ଜେନ୍ ଚାକିରି ପାଇଁ ନିଜ ସୁଖକୁ ବଳିଦାନ ଦେବାକୁ ଚାହୁଁ ନାହାନ୍ତି।

ଜେନ୍ ଜେନ୍ ଏବେ ପଦବୀ ଏବଂ ପଗାରା ପଛରେ ଦୌଡ଼ୁ ନାହାନ୍ତି। ହେଲେ ସେମାନେ ସେହି ଜରୁରି ବା ବିକାଶକୁ ପ୍ରାଥମିକତା ଦେଉଛନ୍ତି। ଯେଉଁଥିରେ ସେମାନଙ୍କ ଜୀବନରେ ସ୍ୱାର୍ଥ ସମ୍ବାଳ ରହେ। ସେମାନେ ସେହି ସବୁ କାମ ଉପରେ ଧ୍ୟାନ ଦେବେଦିନ କରୁଥିଲେ, ଯେଉଁଥିରେ ସେମାନଙ୍କୁ ଖୁସି ମିଳୁଛି। ଏକ ରିପୋର୍ଟ ଅନୁସାରେ, ଜେନ୍ ଜେନ୍ ଏବେ କ୍ୟାରିୟର ମିନିମାଲିଜିମ୍‌କୁ ଆପନାଇଛନ୍ତି। ସେମାନେ କାରିଗିରିକୁ ଜୀବନର ଆନନ୍ଦ ମାନ୍ୟତା ଦେଲାଣି ଲାଭକୁ କାହାନ୍ତି, ବରଂ ଆଟିମ୍ ଜୀବନରେ ନିଜ ସ୍ୱାସ୍ଥ୍ୟ ଲାଭ ଓ ମନଶ୍ଚାନ୍ତିକୁ ପୂରା କରିବାରେ ବିଶ୍ୱାସ ରଖୁଛନ୍ତି। ସେଇ ଭାଷାରେ କହିଲେ, ସେମାନେ ନିଜ ଚାକିରି ପାଇଁ ନିଜ ସୁଖକୁ ବଳିଦାନ ଦେବାକୁ ଚାହୁଁ ନାହାନ୍ତି। ଏହି ଅଧ୍ୟୟନରେ ହଜାରେ ପିଲାଙ୍କୁ ଗଣିତ କରାଯାଇଥିଲା। ୬୮ ପ୍ରତିଶତ ଜେନ୍ ଜେନ୍ କାର ବଦଳା ନ ମିଳିବା ପର୍ଯ୍ୟନ୍ତ ମ୍ୟାନେଜର ପଦବୀ ଗ୍ରହଣ କରିବାକୁ ଚାହିଁ ନାହାନ୍ତି। ମାଗଣାରେ ସେମାନେ ଜୋଖିମି ସମ୍ପତ୍ତି ନେବାକୁ ଚାହାଁ ନ ଥାନ୍ତି। ସେମାନେ ମ୍ୟାନେଜମେଣ୍ଟଠାରୁ ଦୂରରେ ରହି ଖୁସି ରହିବାରେ ବିଶ୍ୱାସ ରଖନ୍ତି।

ଏହିପରି ସବୁ ଜେନ୍ ଜେନ୍ ଲକ ପଦବୀରୁ ଦୂରରେ ରହିବାକୁ ଚାହାଁ ନାହାନ୍ତି। ପ୍ରାୟ ୧୦ ପ୍ରତିଶତ ମ୍ୟାନେଜର ଜେନ୍‌ଜୁସ୍ ନେତୃତ୍ୱ ନେବାକୁ ମନା କରିଛନ୍ତି। ହେଲେ ସେମାନଙ୍କର ବିଚାରଧାରା ଅଲଗା। ସେମାନେ କମାଣି କଥା ଭାବିବା ପୂର୍ବରୁ ପ୍ରଥମେ ନିଜ କଥା ଭାବୁଛନ୍ତି। ଏହାବାଦ୍ ଅତିରିକ୍ତ କାମ ଓ ବାପର ଏମ୍ପ୍ଲୋଏ ପାରିଶ୍ରମିକ ଦାବି କରୁଛନ୍ତି। ସେମାନଙ୍କ ଉଚ୍ଚ ପଦବୀ ପାଇଁ ଚାକିରି ଘରାରେ ଆଶା ରଖୁନାହାନ୍ତି, ବରଂ ସନ୍ତୁଳିତ ଜୀବନ ଓ ବ୍ୟକ୍ତିଗତ ସନ୍ତୁଷ୍ଟିକୁ ଅଗ୍ରାଧିକାର ଦେଉଛନ୍ତି। ସେମାନେ ବିଚାରଧାରା ନିୟୋଗ ଅଣି ଦୃଢ଼ ବିଶ୍ୱାସ କରିବାକୁ ଚାହାଁ ନାହାନ୍ତି। ୫୬ ପ୍ରତିଶତ ଜେନ୍ ଜେନ୍ ନିଜ ସରକ ପୂରା କରିବାକୁ ଚାହୁଁଛନ୍ତି। ଏଥିରୁ ସେମାନଙ୍କୁ ଅଧିକ ଖୁସି ମିଳୁଥିବା ସେମାନେ କହନ୍ତି। ସେହିପରି ସେମାନେ ଅଫିସ୍‌ରେ ଅତିକ ସମୟ କାମ କରିବା ବିରୋଧରେ ଅଛନ୍ତି। ସମୟରେ ଅଫିସ୍ ଛାଡ଼ିବାକୁ ଜେନ୍ ଜେନ୍ ପୂରା ପ୍ରୟାସ କରୁଛନ୍ତି। ଅବ୍ୟବସ୍ଥାରେ ଜେନ୍ ଜେନ ସୁବିଧିଙ୍କ ମତରେ, କ୍ୟାରିୟରର ଅର୍ଥ ଦେବବ ପଦବି ଦିମ୍ବା ପଦୋନ୍ନତି ପାଇବା ନୁହେଁ, ଜୀବନରେ ଶାନ୍ତି ଓ ଖୁସି ବଜାୟ।

ସମ୍ଭାବନା

ନାଇଟ୍ ସିଫ୍ଟରେ କାମ କରୁଥିଲେ...

ନାଇଟ୍ ସିଫ୍ଟରେ କାମ କରିବା ସମସ୍ତଙ୍କ ପକ୍ଷେ ସହଜ ହୋଇ ନ ଥାଏ। ଅନେକ କର୍ମଚାରୀଙ୍କୁ ବିଭିନ୍ନ ପ୍ରକାର ସମସ୍ୟା ସାମ୍ନା କରିବାକୁ ପଡ଼ିଥାଏ। ଏସବିଡି ଏହି ସିଫ୍ଟରେ କାମ କରି ଅନେକ ଜଣ ନିଜ କାମକୁ ଠିକ୍ ଭାବେ ପରିଚାଳିତ କରିପାରନ୍ତି ନାହିଁ। କିଛି ଉପାୟକୁ ଆପଣାଇ ନାଇଟ୍ ସିଫ୍ଟରେ ଭଲ କାମ କରିପାରିବେ।

- ପ୍ରଥମେ ନିଜର ଏକ ସମୟ ସାରଣୀ ପ୍ରସ୍ତୁତ କରନ୍ତୁ ଏବଂ ସେହି ଅନୁସାରେ କାମ କରନ୍ତୁ।
- ନାଇଟ୍ ସିଫ୍ଟ କର୍ମଚାରୀଙ୍କୁ ନିଜ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନଦେବା ଦରକାର।
- ଡାଏଟରେ ଫଳ ଓ ଗାଢ଼ି ଖୋଜରରେ ସାରାହ ଖାଇବା ଉଚିତ।
- ନାଇଟ୍ ସିଫ୍ଟରୁ ଫିରା ପୂର୍ବରୁ ନିଦ୍ରା ପୂରା କରନ୍ତୁ। ଏହା ଦ୍ୱାରା କାମ କରିବା ସମୟରେ ଅଳସ ଲାଗେ ନାହିଁ।
- ଲାଇଟରେ କାମ କରିବା ସମୟରେ ମଜିରେ ଲିକ ଜିନିଷ ଖେଳା ଜରୁରୀ।
- ନାଇଟ୍ ସିଫ୍ଟରେ କାମ କରୁଥିଲେ, ପ୍ରଚୁର ପାଣି ପିଇବା ଦରକାର।

ନୂଆ କ୍ୟାରିୟର ଡ୍ରୋନ୍ ପାଇଲଟ୍

ଏବର ଟେକ୍ନୋଲୋଜି ଯୁଗରେ ଲୋକଙ୍କ ପାଖରେ କ୍ୟାରିୟରର ବିଭିନ୍ନ ବିକଳ୍ପ ଅଛି। ନୂଆ କ୍ୟାରିୟର ବିକଳ୍ପ ଭାବେ ଏବେ ଡ୍ରୋନ୍ ପାଇଲଟ ଚର୍ଚ୍ଚା ସାଉଁଟୁଛି। ଖେତ ପଡ଼ିଆ, ଦାହାଗର, ପିଲ୍ଲ ତଥା ଫୌଜିସି ଦଦ କାର୍ଯ୍ୟକ୍ରମରେ ଆଜିକାଲି ଡ୍ରୋନର ବ୍ୟବହାର କରାଯାଉଛି। ପ୍ରଚ୍ୟେକ ଉତ୍ସବରେ ଏବେ ଏହା ଲୋକ୍ରା ମଧ୍ୟରେ।

ଡ୍ରୋନ ପାଇଲଟ ହେବା ଲାଗି କମ୍ପ, ଗଣିତ, ବିଜ୍ଞାନ ଯେଉଁଥିରେ ଡିଗ୍ରୀଧାରୀ ହୁଅନ୍ତୁ ପାସ୍ କରିବା ଦରକାର। ଏହା ଲାଗି ମାନ୍ୟତାପ୍ରାପ୍ତ ଇନଷ୍ଟିଚ୍ୟୁଟ୍‌ରୁ ଟ୍ରେନିଂ ନେବା ଖୁବ୍ ଜରୁରୀ। ଡ୍ରୋନ୍ ପରିଚାଳନା କରିବା ସେହେଉଛି ଏକ ବଡ଼ କାମ। ସେଥିପାଇଁ ଏହା ଲାଗି ନିୟମ ରହିଛି। ଟ୍ରେନିଂ ଲାଗି ଭାରତରେ ଜେନେରାଲ ଏଭିଏସନ ପ୍ରମୋଶନ ଅଫ୍ ସିଭିଲ ଆଭିଏସନ ପ୍ରଣ୍ଡ ରିମୋଟ୍ ପାଇଲଟ୍ ଟ୍ରେନିଂ ଅର୍ଗାନାଇଜେସନ (ଆର୍‌ପିଟିଓ) ଭଳି ମାନ୍ୟତା ପ୍ରଦାନ କରାଯାଇଛି। ଏହି ଟ୍ରେନିଂ ସମୟରେ ଡ୍ରୋନ ଉଡ଼ାଇବା, ନୁରୁକ୍ଷା ନିୟମ, ମାଟିମାଲ, ବ୍ୟବସାୟିକ-ବ୍ୟବସାୟ ମଧ୍ୟରେ ଭେଦଭେଦକୁ ଆଦି ଶିଖିବାର ଶିକ୍ଷାଦାନ କରିବା ଶିଖାଯାଏ। ଏହାବାଦ୍ ପ୍ରଫେସନାଲ ଡ୍ରୋନ ପାଇଲଟ୍ ହେବା ଲାଗି ଡିଜିସିଏ ରିମୋଟ୍ ପାଇଲଟ ପ୍ରମାଣପତ୍ର ଦେବାକୁ ହେବ। ଏହାକୁ ଅପରେଟ୍ କରିବା ଲାଗି ପାଖରେ ଲାଇସେନ୍ସ ରହିବା ଜରୁରୀ। ଏହା ୧୦ ବର୍ଷ ପର୍ଯ୍ୟନ୍ତ ବୈଧ। ସେହିପରି ଡ୍ରୋନ ଟେକ୍ନୋଲୋଜି ଏବଂ ଏୟାରକ୍ରାଫ୍ଟ କ୍ଷେତ୍ରରେ ଜଡ଼ିଙ୍ଗାଡ ସଡ଼ିବାକୁ ଚାହୁଁଥିଲେ, ବିଟେକ୍ ଇନ୍ ଏୟାରୋସ୍ପେସ୍ ଇଞ୍ଜିନିୟରିଂ, ବିଟେକ୍ ଇନ୍ ଏରୋନେଟିକ୍ସ ଇଞ୍ଜିନିୟରିଂ, ବି-ଟେକ୍ ଇନ୍ ଇଲେକ୍ଟ୍ରନିକ୍ସ ଇଞ୍ଜିନିୟରିଂ, ବିଟେକ୍ ଇନ୍ ଏରୋନେଟିକ୍ସ ଇଞ୍ଜିନିୟରିଂ ଆଦି ଏହାର ଡିପ୍ଲୋମା ଇନ୍ ଏୟାରକ୍ରାଫ୍ଟ ଟେକ୍ନୋଲୋଜି ଡ୍ରୋନ୍ ଟେକ୍ନୋଲୋଜିର ଡିଗ୍ରୀ ଅଧ୍ୟୟନ।

ଗୁଗଲ୍ ଟ୍ରାନ୍ସଲେଟରର ନୂଆ ଫିଚର୍

ଗୁଗଲ ଏମିତି ଏକ ସ୍ମାର୍ଟ ଫିଚର୍ ଲଞ୍ଚ କରିଛି, ଯାହାକି ନୂଆ ଏବଂ ପୁରୁଣା ଜେନ୍‌ଫୋନ୍‌ରୁ ରିୟଲ ଟାଇମ୍ ଟ୍ରାନ୍ସଲେଟରରେ ବଦଳାଇ ହେବ। ଶେଷୁ କଥାନି ଏକ ଟିପ୍ ଫିଚର୍ ଲଞ୍ଚ କରିଛି। ଏହା ଦ୍ୱାରା ଲୋକିସି ଯେଉଥିରେ ଏବଂ ଯେଉଥିରେ ହେଡ୍‌ଫୋନ୍‌ରୁ ରିୟଲ ଟାଇମ ଟ୍ରାନ୍ସଲେଟର ଲିଲାଇବ୍‌ରେ ବ୍ୟବହାରିକ ଜରୁରୀ ହେଉଛି। ଏହା ସହ ଟ୍ରାନ୍ସଲେଟ୍ ଆପ୍‌ରେ ଗୁଗଲର ଏଆଇ ଜେମିନି ଯୁକ୍ତ ସ୍ମାର୍ଟ ଟ୍ରାନ୍ସଲେଟର ଏବଂ ଉନ୍ନତ ଭାଷା ଶିକ୍ଷାର ଟୁଲ୍‌କୁ ସାମିଲ କରାଯାଇଛି। ଏବେ ଏହା ବିଟା ଫିଚରରେ ଜିଛି ଆଣ୍ଡ୍ରଏଡ୍ ଟ୍ରାନ୍ସଲେଟ୍ ଆପ୍‌ରେ ଲମ୍ବାଇବ ଅଛି। ଶେଷୁ ଏଥିରେ ଦେବବ ଜେଡ଼ଫୋନ୍‌ରୁ ଫାଇପର ଦରି ଏହାକୁ ରିୟଲ ଟାଇମ ଟ୍ରାନ୍ସଲେଟର ଡିଭାଇସ୍‌ରେ ପରିବର୍ତ୍ତନ କରାଯାଇପାରିବ। ଏ ଲାଗି ଦେବବ ବ୍ୟବହାରକାରୀଙ୍କୁ ହେଡ୍‌ଫୋନ୍ କନେକ୍ଟ କରିବି ଗୁଗଲ ଟ୍ରାନ୍ସଲେଟ୍ ଆପ୍‌କୁ ଯିବାକୁ ପଡ଼ିବ। ଏହାପରେ ମୋବାଇଲରେ ଲାଖାର ଟ୍ରାନ୍ସଲେଟ୍ ହାଡ଼ାଇ ସମୟ ମଧ୍ୟରେ ଶୁଣିପାରିବେ। ଏହି ଫିଚର୍ ୨୦ରୁ ଅଧିକ ଭାଷାକୁ ସମର୍ଥନ କରେ। ୨୦୨୬ରେ ଏହି ସୁବିଧା ଆଇଫୋନ୍ ବ୍ୟବହାରକାରୀଙ୍କୁ ମିଳିବା କୁହାଯାଉଛି।



ଉତ୍କଳ ସମାଚାର

ସମ୍ପାଦକୀୟ...
ଗୁରୁବାର ୨୫ ଡିସେମ୍ବର ୨୦୨୫

ଗଣତନ୍ତ୍ରର ଗୁଣ

ଗତ ଦୁଇ ଥରର ସାଧାରଣ ନିର୍ବାଚନ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାଜପାକୁ ପୂର୍ଣ୍ଣ ବହୁମତ ପ୍ରଦାନ କରିଥିଲା, ଯାହାକୁ ବ୍ୟବହାର କରି ମୋଦୀ ସରକାର ଅର୍ଥନୀତିରୁ ଆରମ୍ଭ କରି ମହାକାଶ ଗବେଷଣା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଅବିଶ୍ୱସନୀୟ ବିକାଶ ହାସଲ କରିବାରେ ସକ୍ଷମ ହୋଇଛନ୍ତି । କିନ୍ତୁ ଏଥି ସଙ୍ଗେ ସଙ୍ଗେ ଏଭଳି ବହୁମତ ମୋଦୀଙ୍କ ହାତରେ ମାତ୍ରାଧିକ କ୍ଷମତା ଠୁଳ କରିବା ମଧ୍ୟ ଦେଖାଯାଇଥିଲା । ଗଣତନ୍ତ୍ର ବୋଧହୁଏ ନିଜକୁ ନିଜେ ରକ୍ଷା କରିବା ପାଇଁ ଏଥର ମଧ୍ୟ ଭଲ କାମ ପାଇଁ ପୁରସ୍କୃତ କରି ମୋଦୀ ଓ ତାଙ୍କ ଦଳକୁ ପୁଣି ଥରେ ବିଜୟୀ କରାଇଛି, କିନ୍ତୁ ତା' ସହିତ ତାଙ୍କ ହାତରେ ଆଉ ଏକତାଟିଆ ଅଧିକାର ସମର୍ପଣ ନ କରି, ଏକ ମେଳଂ ସରକାର ଗଠନ କରିବାକୁ ତାଙ୍କୁ ବାଧ କରିଛି । ସାମ୍ୟବାଦର ଉଦ୍ଭାବକ କାର୍ଲ ମାର୍କ୍ସ ଗଣତନ୍ତ୍ରର ଚରମ ବିରୋଧୀ ଥିଲେ । ଏକ ଶ୍ରେଣୀହୀନ ସମାଜରେ ସ୍ୱାଧୀନ ମନୁଷ୍ୟର ଆବିର୍ଭାବକୁ ସାମ୍ୟବାଦର ଅନ୍ତିମ ଲକ୍ଷ୍ୟ ରୂପେ ପ୍ରବର୍ତ୍ତିତ କରିଥିବା ମାର୍କ୍ସ ବିଚାର କରୁଥିଲେ ଯେ ଗଣତନ୍ତ୍ରରେ ଏହି ଲକ୍ଷ୍ୟ ସାଧନ ହୋଇପାରିବ ନାହିଁ । ସେ ଚାଲୁଥା କରି କହିଥିଲେ ଯେ ଗଣତନ୍ତ୍ର ହେଉଛି ''କେବଳ ମାତ୍ର ଔପଚାରିକ ସ୍ୱାଧୀନତା ।'' ପରବର୍ତ୍ତୀ ସମୟରେ କାର୍ଲ ମାର୍କ୍ସଙ୍କୁ ମୁକ୍ତ ସମାଜର ଜଣେ ଅନ୍ୟତମ ପ୍ରଧାନ ଶତ୍ରୁ ରୂପେ ବିଚାର କରୁଥିବା ବିଶିଷ୍ଟ ଦାର୍ଶନିକ କାର୍ଲ ପପର୍ ତାଙ୍କର ପ୍ରସିଦ୍ଧ ପୁସ୍ତକ 'ଦି ଓପନ୍ ସୋସାଇଟି ଆଣ୍ଡ୍ ଇଟ୍ ?ସ ଏନିମିଜ୍ ?'ରେ ଗଣତନ୍ତ୍ର ସଂପର୍କରେ ମାର୍କ୍ସଙ୍କର ଏଭଳି ଚିନ୍ତାଧାରାକୁ ନିମ୍ନମତେ ଖଣ୍ଡନ କରିଥିଲେ । ସେଥିରେ ପପର୍ କହିଥିଲେ ଯେ ମାର୍କ୍ସ ଯାହାକୁ ' ?'କେବଳ ମାତ୍ର ଔପଚାରିକ ସ୍ୱାଧୀନତା'' ରୂପେ ଅଭିହିତ କରିଛନ୍ତି, ତାହା ହେଉଛି ନିଜ ସରକାରର ବିଚାର କରି ତାକୁ କ୍ଷମତାଚ୍ୟୁତ କରିବା ପାଇଁ ଜନସାଧାରଣ ଉପଲବ୍ଧ କରୁଥିବା ଅଧିକାର । ସେ ପୁଣି କହିଥିଲେ ଯେ ଏହି ଗଣତନ୍ତ୍ର ହେଉଛି ମନୁଷ୍ୟକୁ ଜଣାଥିବା ଏକମାତ୍ର କୌଶଳ ଯାହାକୁ ବ୍ୟବହାର କରି ଆମେ ରାଜନେତା ?ଙ୍କ କ୍ଷମତାର ଅପବ୍ୟବହାର ଜଳକରୁ ଆମକୁ ରକ୍ଷା କରିବା ପାଇଁ ଚେଷ୍ଟା କରିପାରିବା । ସେ ତେଣୁ କହିଥିଲେ, ଗଣତନ୍ତ୍ରର ଅନ୍ୟ ନାମ ହେଉଛି ଶାସିତଙ୍କ ଦ୍ୱାରା ଶାସକର ନିୟନ୍ତ୍ରଣ । ଏବଂ ଯେହେତୁ ରାଜନେତା ?ଙ୍କ କ୍ଷମତା ଅର୍ଥନେ ?ଙ୍କ କ୍ଷମତାକୁ ନିୟନ୍ତ୍ରଣ କରିପାରେ, ରାଜନେ ?ଙ୍କ ଗଣତନ୍ତ୍ର ? ହେଉଛି ଶାସିତମାନଙ୍କ ଦ୍ୱାରା ଅର୍ଥନେ ?ଙ୍କ ଶକ୍ତି ନିୟନ୍ତ୍ରିତ ହେବାର ଏକମାତ୍ର ଉପାୟ । ଯଦି ଗଣତାନ୍ତ୍ରିକ ନିୟନ୍ତ୍ରଣ ଅନୁପସ୍ଥିତ ଥାଏ, ତେବେ ଯେ କେ ?ଶସି ସରକାର ତା'ର ରାଜନେ ?ଙ୍କ ଓ ଅର୍ଥନୈତିକ କ୍ଷମତାକୁ ଏପରି ଉଦ୍ଦେଶ୍ୟରେ ବ୍ୟବହାର ନ କରିବାର କୌଶସି ହେଲେ କାରଣ ନାହିଁ ଯାହା ନାଗରିକମାନଙ୍କର ସ୍ୱାଧୀନତା ସୁରକ୍ଷା ଠାରୁ ସଂପୂର୍ଣ୍ଣ ଭିନ୍ନ ହୋଇଥାଏ । ଅର୍ଥାତ୍ ମାର୍କ୍ସଙ୍କ ଚିନ୍ତାଧାରାକୁ ଭ୍ରାମାତ୍ମକ ସାବ୍ୟସ୍ତ କରି ପପର୍ ଗଣତନ୍ତ୍ରକୁ ନାଗରିକ ସ୍ୱାଧୀନତାର ଏକମାତ୍ର ରକ୍ଷାକର୍ତ୍ତା ରୂପେ ପ୍ରବର୍ତ୍ତିତ କରିଥିଲେ । ସ୍ୱାଧୀନତା ପରେ ଭାରତ ଯେଉଁ ଗଣତାନ୍ତ୍ରିକ ବ୍ୟବସ୍ଥା ଅନୁସରଣ କରିବାକୁ ନିଷ୍ପତ୍ତି ନେଇଛି, ଅତୀତରେ ଅନେକ ସମୟରେ ସେଥିରେ ଏହି ପପର ବର୍ଣ୍ଣିତ ଚରିତ୍ର ପରିଲକ୍ଷିତ ହେବା ଦେଖାଯାଇଛି- ତାହା ଇନ୍ଦିରା ଗାନ୍ଧୀଙ୍କର ଏକଛତ୍ରବାଦୀ ଉଦ୍ୟମକୁ ପ୍ରତିହତ କରିବା ହେଉ କି ସେଇ ମାର୍କ୍ସଙ୍କର ଚେଲାମାନଙ୍କର ପଶ୍ଚିମବଙ୍ଗ ଭଳି ରାଜ୍ୟରେ ଚିରସ୍ଥାୟୀ ଶାସନ ପ୍ରତିଷ୍ଠା ଯୋଜନାକୁ ପଣ୍ଡ କରିବା ହେଉ । ଗଣତନ୍ତ୍ରର ନାଗରିକକୁ କ୍ଷମତାଲିପ୍ସୁ ଶାସକଙ୍କ ଜଳକରୁ ମୁକ୍ତି ପ୍ରଦାନ କରିବାର ଏହି ଅନ୍ତର୍ନିହିତ କ୍ଷମତାର ସର୍ବୋତ୍ତମ ପରିପ୍ରକାଶ ଏବେ ଦେଖିବାକୁ ମିଳିଛି ଆମ ରାଜ୍ୟ ଓଡ଼ିଶାରେ । ଦୀର୍ଘ ପ୍ରାୟ ଚଉଦ ଶତାବ୍ଦୀ ଧରି ଗୋଟିଏ ମାତ୍ର ରାଜନେ ?ତିକ ଦଳ ଓ ତା'ର ମାଲିକଙ୍କ ଶାସନାଧୀନ ହୋଇ ରହିବା ପରେ ଏହି ରାଜ୍ୟରେ ଗଣତନ୍ତ୍ର ସ୍ୱାଭାବିକ ଭାବରେ କ୍ରମେ ଘୋର କିଭୁତିର ଶିକାର ହୋଇସାରିଥିଲା । ଏକ ଗଣତନ୍ତ୍ରରେ ନାଗରିକମାନଙ୍କର ସ୍ୱାର୍ଥରକ୍ଷା ପାଇଁ ନିର୍ବାଚିତ ହୋଇଥିବା ଜନପ୍ରତିନିଧିମାନେ ଏଠାରେ କେବଳ ସଂପୂର୍ଣ୍ଣ ରୂପେ କ୍ଷମତାହୀନ ହୋଇପଡ଼ିଥିଲେ, ତାହା ନୁହେଁ, ସଂପୂର୍ଣ୍ଣ ରୂପେ ପରିଚୟହୀନ ମଧ୍ୟ ହୋଇପଡ଼ିଥିଲେ କହିଲେ ଆବେ ? ଅତ୍ୟୁକ୍ତି ହେବନାହିଁ । ଯଦି ଜାଁ ଜାଁ କେତେବେଳେ ପ୍ରତିବାଦର ସ୍ୱର ଉତ୍ତୋଳନ ପାଇଁ ଉଦ୍ୟମ ହେଉଥିଲା, ତାହା ଏଭଳି ଦମନର ଶିକାର ହେଉଥିଲା, ଯାହା ଫଳପ୍ରଦ ଭାବରେ ଏକ ଭୀଷଣ ଭୟର ବାତାବରଣ ସୃଷ୍ଟି କରିଦେଉଥିଲା । ଯେଉଁ ବୁଦ୍ଧିଜୀବୀମାନେ ନିଜକୁ ସମାଜର ବିବେକର ତତ୍ତ୍ୱାବଧାରକ ରୂପେ ବିଚାର କରନ୍ତି ସେମାନେ ବିଭିନ୍ନ ଜାରଣକୁ ଲଜ୍ଜାହୀନ ଭାବରେ ଏହି ବିକୃତ ବ୍ୟବସ୍ଥା ପ୍ରାଖରେ ସଂପୂର୍ଣ୍ଣ ଭାବେ ଆତ୍ମସମର୍ପଣ କରିଦେଇଥିଲେ । କିନ୍ତୁ ଯେତେବେଳେ ଏଥିରୁ ମୁକ୍ତିଲାଭ କେ ?ଣସି ବାଟ ନାହିଁ ବୋଲି ସମସ୍ତେ ଧରି ନେଇଥିଲେ, ସେତିକିବେଳେ ପପର୍ ସୂଚାଇଥିବା ସେଇ ଶକ୍ତି ଜାଗରୁକ ହୋଇ ଆଜି ପୁଣି ଥରେ ଗଣତନ୍ତ୍ରକୁ ରକ୍ଷା କରିଛି ଏବଂ ତା' ସହିତ ନାଗରିକ ସ୍ୱାଧୀନତାକୁ ରକ୍ଷା କରିଛି । ଏହି ଶକ୍ତି ହେଉଛି ଶାସକଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ଶାସିତମାନଙ୍କ ଠାରେ ନିହିତ ଥିବା ଶକ୍ତି । ଉଲ୍ଲେଖଯୋଗ୍ୟ ଯେ ଯେଉଁ ଶାସିତମାନେ ଗଣତନ୍ତ୍ରର ସତ୍ତା ସୈନିକ ରୂପେ ଆବିର୍ଭୂତ ହୋଇ ଆଜି ତା'ର ମହତ ରକ୍ଷା କରିଛନ୍ତି, ସେମାନେ ହେଉଛନ୍ତି ସେଇ ସାଧାରଣବର୍ଗର ନାଗରିକମାନେ, ବିଭିନ୍ନ କିସମର ବୁଦ୍ଧୀକରଣ ମାଧ୍ୟମରେ ଯେଉଁମାନେ ସହଜରେ କ୍ଷମତାକେନ୍ଦ୍ର ଦ୍ୱାରା ବଶୀଭୂତ ହୋଇଯାଇଥିଲେ ବୋଲି ବିଶ୍ୱାସ କରାଯାଉଥିଲା । ଏହି ଧାରଣାକୁ ଭୁଲ୍ ସାବ୍ୟସ୍ତ କରି ସେମାନେ ଆଜି କେବଳ ଯେ ଗଣତନ୍ତ୍ରକୁ ରକ୍ଷା କରିଛନ୍ତି, ତାହା ନୁହେଁ, ସେମାନେ ମଧ୍ୟ ପ୍ରମାଣିତ କରିଛନ୍ତି ସେମାନେ କେବଳ ହିଁ ହେଉଛନ୍ତି ବହୁଚର୍ଚ୍ଚିତ ଅସ୍ମିତା ବା ଆତ୍ମସମ୍ମାନର ଏକମାତ୍ର ଅଧିକାରୀ । ସେମାନେ ଗଣତନ୍ତ୍ର ମାଧ୍ୟମରେ ନିଜର ସ୍ୱାଧୀନତା ଓ ସ୍ୱାଭିମାନ ରକ୍ଷା କରି ମାର୍କ୍ସଙ୍କୁ ଭୁଲ୍ ସାବ୍ୟସ୍ତ କରିଛନ୍ତି । ଏହି ନିର୍ବାଚନରେ ଅନ୍ୟ ଏକ ରାଜ୍ୟର ମତବାଦୀମାନେ ମଧ୍ୟ ଅନ୍ୟ ଏକ ପ୍ରସଙ୍ଗରେ କାର୍ଲ ମାର୍କ୍ସଙ୍କୁ ଭୁଲ୍ ସାବ୍ୟସ୍ତ କରିବା ଦେଖାଯାଇଛି । ସେ ରାଜ୍ୟଟି ହେଉଛି ଉତ୍ତରପ୍ରଦେଶ । କାର୍ଲ ମାର୍କ୍ସ ବିଶ୍ୱାସ କରୁଥିଲେ ଯେ ଧର୍ମ ମାନ୍ୟବାଦୀ ବିପୁବ ପଥରେ ଏକ ଅନ୍ତରାୟ ସୃଷ୍ଟି କରିଥାଏ । ଏକ ପୁଞ୍ଜିବାଦୀ ସମାଜରେ ସେମାନେ ସମ୍ମୁଖୀନ ହେଉଥିବା ଅନ୍ୟାୟ, ଅବିଚାର ଜନିତ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ବିପୁବ କରିବାକୁ ସେ ନିଷ୍ପେଷିତ ଜନତାକୁ

ଶୁଣିବାର ଆନନ୍ଦ



ଜନୁ ଠାରୁ ୭-୮ ବର୍ଷ ଲାଗିଯାଏ, ଆମକୁ ସ୍ପଷ୍ଟ ଭାବେ କଥା କହିବା ପାଇଁ । ତା' ପରଠାରୁ ଲୟା ଜୀବନରେ - ପରିବାରରେ, ସାଙ୍ଗ, ସାଥୀଙ୍କ ମେଳରେ, ସ୍କୁଲରେ, କଲେଜରେ, ଚାକିରି କ୍ଷେତ୍ରରେ - ଉଚ୍ଚ ସ୍ୱରରେ କଥା କହି ନିଜକୁ ସାବ୍ୟସ୍ତ କରିବାରେ ହିଁ ଆମେ ସନ୍ତୋଷ ପାଇଥାଉ । ଏହା ଆମର ଦକ୍ଷତା ବୋଲି ଧରାଯାଏ । କିନ୍ତୁ ପ୍ରାୟ ୫୦-୬୦ ବର୍ଷ ଲାଗିଯାଏ ଧୀରେ କଥା କହିବା ପାଇଁ ଏବଂ ଅନ୍ୟକୁ ଶୁଣିବା ପାଇଁ । ବୋଧହୁଏ ଉତରଣର ଶେଷ ପର୍ଯ୍ୟାୟରେ ଆସେ, ଅନ୍ୟକୁ ଶୁଣିବା । ଅନ୍ୟକୁ ଶୁଣିବା ଗୋଟିଏ ଅତି ପବିତ୍ର ଅନୁଭବ । କିନ୍ତୁ ସଂସାରରେ ସମସ୍ତେ କହିବା ପାଇଁ ବ୍ୟସ୍ତ । ଜାତିମ କର୍ମଚାରୀମାନଙ୍କୁ, ମାଲିକ ଭୃତ୍ୟଙ୍କୁ, ନେତା ସାଧାରଣ ଜନତାକୁ, ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ, ବାପାମା'ମାନେ ପିଲାମାନଙ୍କୁ- ସମସ୍ତେ କହିବାରେ ବ୍ୟସ୍ତ । ଜାହିଁକି କହିବା ପାଇଁ ଏତେ ଆତୁରତା ଥାଏ ଆଉ ଶୁଣିବା ପାଇଁ ଥାଏ ଏତେ ଅନିଚ୍ଛା ? ଏହାର କାରଣ, ଜଣେ ଯେତେବେଳେ ନିଜକୁ ହିଁ କେବଳ ପ୍ରାଧାନ୍ୟ ଦେଉଥାଏ, ଅହଂଜ୍ଞାନ ହୋଇଥାଏ, ସେତେବେଳେ ସେ ଖାଲି କହିବାକୁ ଚାହେଁ । ଅନ୍ୟ ମଣିଷକୁ ସେ ଗେ ?ଣ ବୋଲି ଭାବେ; ଅନ୍ୟ ପାଇଁ ତା' ହୃଦୟରେ ସ୍ଥାନ ନ ଥାଏ; ଅନେକ ସମୟରେ ଅନ୍ୟର ଯେ ଗୋଟିଏ ମାନବୀୟ ସ୍ଥିତି ଅଛି, ତାହା ସେ ଗ୍ରହଣ କରି ନ ଥାଏ । ଅନ୍ୟକୁ ନ ଶୁଣିବା, ଏକ ଅସମାନ, ଶ୍ରେଣୀ ବିଭକ୍ତ ସମାଜର ଲକ୍ଷଣ । ବଡ଼ ଡାକ୍ତର, ତାଙ୍କ ଅଫିସରେ ଜାମ କରୁଥିବା ପିଅନଟିର କଥାକୁ କେବେ ସଂପୂର୍ଣ୍ଣ ଆଗ୍ରହ ସହ ଶୁଣୁଥିବେ- ଏ ତ କେବେ ଦେଖାଯାଇନି ? ଏମିତି କେତେ ଶିକ୍ଷକ ଅଛନ୍ତି, ଯାହା ପାଖରେ ଛାତ୍ରତିଏ ନିଜ ମନକଥା ଖୋଲି କହିଥାଏ ! ଏମିତି କେତେ ମାଲିକ, ମାଲିକାଣୀ ଅଛନ୍ତି ଯିଏ ଶ୍ରଦ୍ଧାର ସହ ଘରେ ବାସନ ମାଜୁଥିବା ବା ରୋଷେଇ କରୁଥିବା ସ୍ତ୍ରୀଲୋକର ନିଜସ୍ୱ ଦୁଃଖ, ସୁଖକୁ ଶୁଣୁଥିବେ ! କିନ୍ତୁ ସମାଜରେ ବହୁତ କଥାବାର୍ତ୍ତା, ହୋହଲ୍ଲା ହୁଏ । ମାତ୍ର ସେଥିରେ ଭାବ ବିନିମୟ ଅପେକ୍ଷା କ୍ଷମତା, ପ୍ରତିପତ୍ତିର ସ୍ୱରଟି ଅଧିକ ଶୁଣୁଥାଏ । ସେଥିପାଇଁ ସମାଜର ବିଭିନ୍ନ କ୍ଷେତ୍ରରେ ଏକ ରୁକ୍ଷ, ନିଷ୍ଠୁର ପରିବେଶ ସୃଷ୍ଟି ହୋଇ ରହିଥାଏ, ତାହା ଅଫିସ ହେଉ ବା ଶ୍ରେଣୀଗୃହ ହେଉ । ସେଥିରେ ପ୍ରାଣ ଚଞ୍ଚଳତା ନ ଥାଏ । କଳ୍ପନା କରାଯାଉ, ଡାକ୍ତର ତାଙ୍କର ଚଳିଆ କର୍ମଚାରୀମାନଙ୍କୁ, ଶିକ୍ଷକ ଛାତ୍ରମାନଙ୍କୁ, ବଡ଼ମାନେ ସାନମାନଙ୍କୁ, ବାପାମା'ମାନେ ପିଲାମାନଙ୍କୁ, ସେମାନଙ୍କର ଆବେଗ, ଉଦ୍‌ବେଗ ସବୁକୁ ଶ୍ରଦ୍ଧାର ସହ ଶୁଣୁଛନ୍ତି- ତେବେ ଜୀବନର ସମସ୍ତ ଅଗଣା ଓ ଉଦ୍ଯାନଭରା ହୋଇଯିବ । ଗଣମାଧ୍ୟମରେ ଏବେ ଗୋଟିଏ ଫଟୋ ସମସ୍ତଙ୍କୁ ମୁଗ୍ଧ କରିଛି । ଜିଲ୍ଲାର କଲେଜର, ରାସ୍ତାକଡ଼ରେ ରହୁଥିବା ଗୋଟିଏ ନିରାଶ୍ରୟା ଆଦିବାସୀ ସ୍ତ୍ରୀଲୋକ, ଯିଏ ତା'ର ପାଳିତ ବାରବୁଲା ଗାଈମାନଙ୍କୁ ହଜେଇ ଦେଇଛି, ତା'ର ଦୁଃଖକୁ ତା' ପାଖରେ ବସି ପରମ ଆତ୍ମୀୟଟି ପରି ଶୁଣୁଛନ୍ତି । ଶୁଣିବାର ଚିତ୍ର ବି ଏତେ ସୁନ୍ଦର, ମାର୍ମିକ ହୋଇପାରେ ? ଶୁଣିବାର ପ୍ରକୃତ ଅର୍ଥ କ'ଣ ? କ'ଣ ଜଣେ କେବଳ କିଛି ଶବ୍ଦ କହେ ଏବଂ ଅନ୍ୟ ଜଣେ ସେହି ଶବ୍ଦକୁ ଶୁଣେ ? ଅନେକ ସମୟରେ ଆମେ ଅନ୍ୟକୁ ଶୁଣୁ, କାରଣ ସେଠି ଶୁଣିବାର ବାଧ୍ୟବାଧକତା ଥାଏ; ମାତ୍ର ଶୁଣିଲା ବେଳେ ଆମେ ସେଠି ପ୍ରକୃତରେ ଉପସ୍ଥିତ ନ ଥାଉ । ପ୍ରକୃତ ଶୁଣିବା ହୋଇଥାଏ, ଜଣେ ଯେତେବେଳେ ଶବ୍ଦ ଅନ୍ତରାଳରେ ଥିବା ଆବେଗକୁ ଶୁଣିପାରେ । ଏହା ସମ୍ଭବ ହୁଏ, ଯେତେବେଳେ ଦୁଇ ଜଣଙ୍କ ଭିତରେ ବଡ଼-ସାନ, ଧନୀ-ଗରିବ ପରି ଶ୍ରୋଣୀସି ସାମାଜିକ ତାରତମ୍ୟର ବିଚାର ନ ଥାଏ; ଏହା ଯେପରି ବୁଢିଟି ମଣିଷଙ୍କ ମୌଳିକ ସତା ଭିତରେ, ସଂସାରରେ ଦୁଇଟି ସହଯାତ୍ରୀଙ୍କ ଭିତରେ ଏକ ଆତ୍ମିକ ବନ୍ଧନ । ଯେତେବେଳେ ଏହା ହୁଏ, ଯିଏ କହେ, ତା'ର ଅନ୍ତରର ସମସ୍ତ ଶୃଙ୍ଗାର ଛିନ୍ନ ହୋଇଯାଏ ଏବଂ ସେ ନିଜର ହୃଦୟକୁ ଶଙ୍କାହୀନ, ଦ୍ୱିଧାହୀନ ଭାବେ ଉନ୍ମୁକ୍ତ କରିଦିଏ ଶୁଣିବା ଲୋକର ଆପଶୋପଶ ପାଖରେ । ଅନେକ ସମୟରେ ବହୁତ କଥା ଅନ୍ତର ଭିତରେ ଚାପି ହୋଇ ରହିଥାଏ, ମନକୁ ହନ୍ତସନ୍ତ କରୁଥାଏ; କାହାକୁ କହିବାର ସାହସ ନ ଥାଏ ବା ସୁଯୋଗ ନ ଥାଏ । ମାତ୍ର ଯେତେବେଳେ କେଉଁ ସମ୍ବେଦନଶୀଳ ମଣିଷଟିଏ ତା' କଥା ଶୁଣେ, ସେତେବେଳେ ତା'ର ଅସ୍ଥିରତା, ଅସହାୟତା ମଧ୍ୟ ଅନେକ ଲାଘବ ହୋଇଯାଏ, କାରଣ ତା'ର ଅନୁଭବ ହୁଏ ଯେ, ଏ ସଂସାରରେ ତା'ର ବି କିଏ ଅଛି, ଯିଏ ତା' କଥା ଶୁଣୁଛି । କେହି ଜଣେ ତା' କଥାକୁ ଶୁଣିଲା- ଏହା ତା'ର ପୂର୍ବରୁ ଥିବା ହୀନମନ୍ୟତାକୁ ଦୂର କରି ଏକ ଅପୂର୍ବ ଆତ୍ମବିଶ୍ୱାସ ମଧ୍ୟ ଦେଇଥାଏ । ଏହି ଆତ୍ମବିଶ୍ୱାସ ତା' ଭିତରେ ବି ଏକ ସୁନ୍ଦର ପରିବର୍ତ୍ତନ ଆଣିପାରେ । ଏହି ପ୍ରସଙ୍ଗରେ ଗୋଟିଏ ବ୍ୟକ୍ତିଗତ ଅଭିଜ୍ଞତା ଦେଇ ଲେଖୁଛି କରୁଛି । ଆମର ଏମ୍.ଏ. ଶ୍ରେଣୀରେ ଗୋଟିଏ ପୁରୁଣିନ ଛାତ୍ରୀ ଥିଲା, ଯିଏ ତା'ର ପଢ଼ାପଢ଼ି, ବ୍ୟବହାର, ଭଲାଚାର୍ଯ୍ୟ, ଏପରିକି ବେଶପୋଷାକରେ ପୂରା ମାତ୍ରା ଥିଲା । ଅନ୍ୟ ପିଲାମାନଙ୍କ ପାଖରେ ସେ ପୂରା ନିଷ୍ପ୍ରଭ ଦେଖାଯାଉଥିଲା । ଦିନେ ପ୍ରୋଜେକ୍ ?ର ପାଇଁ ପ୍ରତି ପିଲା ସାଥିରେ ଜଣ ଜଣ କରି ଆଲୋଚନା କରୁଥିଲା ବେଳେ, ମୁଁ ଏହି ଝିଅକୁ ତା'ର ସବୁଥିରେ ନିରୁତ୍ସାହ ବିଷୟରେ ପ୍ରଶ୍ନ କଲି । ସେ ବିଛି ସମୟ ପାଇଁ ଚୁପ୍ ହୋଇ ରହିଗଲା । ମୁଁ ତା' ଭିତରେ ଘଟୁଥିବା କମ୍ପନର କିଛି ଆଭାସ ପାଇ ପାରୁଥିଲି ଏବଂ ସେଥିପାଇଁ ତା' ସହ ଧୀରେ, ଶ୍ରଦ୍ଧାର ସହ କଥାବାର୍ତ୍ତା କଲି । ତେବେ ଶିକ୍ଷକଙ୍କ ସହ କଥା ହେବାକୁ ସାହସ କରି ନ ଥିବା ଝିଅଟି, ପାହାଡ଼ୀ ଝରଣାଟି ପଥରର ବନ୍ଧନକୁ ଭାଙ୍ଗିଦେଇ ମୁକୁଳି ଗଲା ପରି, ହଠାତ୍ ପ୍ରବଳ୍ଭ ହୋଇ ଗପି ଚାଲିଲା ଜିପରି କିଛିଟା କାରଣଶୂନ୍ୟ ତା' ପରିବାର ଭିତରେ ସେ ବୁଢି ହୋଇଯାଇଛି । ଭାବୁଥିଲି, ଏଇ ସାଥୀସିଧା, ତେବେ କଥା କହୁ ନ ଥିବା ଝିଅଟି ଭିତରେ ଏତେ ଅଗ୍ନି ଅଛି; ଚିନ୍ତା କରିବାର, ଅନୁଭବ କରିବାର ଏତେ ଶକ୍ତି ଅଛି ! ସେହି ଦିନ ଠାରୁ ହଠାତ୍ ଯେମିତି ସେ ବଦଳିଗଲା; ସବୁ କାମରେ, ପଢ଼ାରେ, କଥାରେ, ବେଶଭୂଷାରେ ତା'ର ଆଗ୍ରହ, ଝୁଲି ଆସିଗଲା । ଏହି ଘଟଣା ପରେ ଅନୁଭବ ହେଲା, ଇଶୁକୁ କେବଳ ଶୁଣିଲେ, ଆମେ ତା' ଭିତରେ ଅନେକ ପରିବର୍ତ୍ତନ ଆଣିପାରୁ; ତା' ଭିତରେ ଥିବା ସମ୍ଭାବନାକୁ ସାକାର କରିପାରୁ । ଆତ୍ମୀୟମାନଙ୍କ ଦ୍ୱାରା ପରିତ୍ୟକ୍ତ ହୋଇ ଏକ ଜରାଶ୍ରମକୁ ଆସିଥିବା ଏବଂ ସେହି ଦୁଃଖରେ ସଂପୂର୍ଣ୍ଣ ନିରବ ହୋଇଯାଇଥିବା କେବେହେ ସ୍ତ୍ରୀଲୋକଙ୍କୁ ଶୁଣିବାର ପର୍ଯ୍ୟାୟରେ ମୋର ଅନୁଭବ ହେଉଛି ଯେ ସେମାନଙ୍କ ଅବସାଦ ଅନେକ ଦୂର ହୋଇଯାଏ । ଯିଏ ଶୁଣେ, ତା' ଭିତରେ ବି ଅନୁରୂପ ପରିବର୍ତ୍ତନ ହୁଏ । ଅନ୍ୟକୁ ଶୁଣିବା ମାନେ, ଅନ୍ୟକୁ ସ୍ୱୀକାର କରିବା, ଗ୍ରହଣ କରିବା । ଯେତେବେଳେ ଜଣେ ଅନ୍ୟକୁ ନିରୋଳା ଭାବେ ଶୁଣେ, ସେ ତା' ସହ ଏକାତ୍ମ ହୋଇଯାଏ; ତା'ର ସୁଖ, ଦୁଃଖକୁ ମଧ୍ୟ ଅନୁଭବ କରେ । ସେତେବେଳେ ତା' ନିଜ ଭିତରେ ପୂର୍ବରୁ ଚରଫ ହୋଇଯାଇଥିବା ସୂକ୍ଷ୍ମ ଭାବସ୍ତୁତ୍ରିକ ମଧ୍ୟ ତରଙ୍ଗିତ ହୁଏ । ଏହି ଭିତରେ ଏକ ବଡବୀ ଆତ୍ମାକୁ ସେ ଆବିଷ୍କାର କରେ ଏବଂ ଏହି ଅବବୋଧଟି ତାକୁ ସାର୍ଥକତାର ଅନୁଭବ ଦେଇଥାଏ । ନିଜ ଭିତରେ ସମ୍ବେଦନଶୀଳତାର ଫଲ୍ଗୁ ଆବିଷ୍କାର କରିବା ଏକ ସୁନ୍ଦର, ଲୋମଜ ଅନୁଭବ । ପୂର୍ବରୁ, ଆମକୁ ଅନ୍ୟମାନେ ଯେପରି ଅପଜ ଲାଗୁଥିଲେ, ତାହା ଆଉ ଲାଗେ ନାହିଁ ?; ବରଂ ଅନ୍ୟମାନେ ଆତ୍ମୀୟ ପରି ଲାଗନ୍ତି । କେବଳ କହିବାଟି ବିଭକ୍ତ କରାଏ; ଶୁଣିବାଟି ସଂପୃକ୍ତ କରାଏ; ଅନ୍ତରଙ୍ଗତାର ପରିସର ବଢ଼ିଯାଏ । ଅନ୍ୟକୁ ଶୁଣିବା ଦ୍ୱାରା ନିଜର ଦୁଃଖ ବି ଲାଘବ ହୋଇଯାଏ । ଅନ୍ୟ ମଣିଷଟି ଭିତରେ ଲୁଚି ରହିଥିବା ଦୁଃଖ, ଅସହାୟତା, ସଂଘର୍ଷକୁ ଜାଣିଲା ପରେ ନିଜର ଦୁଃଖ, କଷ୍ଟକୁ ଗ୍ରହଣ କରିବାର ସହନଶୀଳତା, ଧୈ ?ର୍ଯ୍ୟ ମଧ୍ୟ ଆସିଯାଏ । ବେଳେବେଳେ ଉପରକୁ ସାମାନ୍ୟ, ଦୁର୍ବଳ ପ୍ରତୀତ ହେଉଥିଲେ ମଧ୍ୟ ଅନ୍ୟ ମଣିଷର ପାହାଡ଼ ପରି ଦୁଃଖ ଏବଂ ତାହା ସହ ଯୁଝିବାର ତା'ର ଯୋଦ୍ଧାପଣ ଆମକୁ ବିସ୍ମିତ କରାଇଥାଏ ଏବଂ ଆମ ଜୀବନକୁ ସେମିତି ଜିଇବାର ପ୍ରେରଣା ଦେଇଥାଏ । ଅନ୍ୟକୁ ପ୍ରକୃତରେ ଜାଣିବାକୁ ହେଲେ, ତାକୁ ଶୁଣିବାକୁ ହୁଏ । ଯିଏ କେବେ କାହାକୁ ଶୁଣିନାହିଁ, ବା ଯାହା ପାଖରେ କିଏ କେବେ କିଛି କହିନାହିଁ, ସେ ଜୀବନରେ ସଂପୂର୍ଣ୍ଣ ଅପୂର୍ଣ୍ଣ ରହିଯାଇଛି । କାରଣ, ଯିଏ ଭଲ ପାଏ, ସେ ହିଁ ଶୁଣେ । ପ୍ରତିଟି କ୍ଷେତ୍ରରେ, ପ୍ରତି ମୁହୂର୍ତ୍ତରେ ଆମ ଚାରିପାଖରେ ଲୋକମାନେ ଅଛନ୍ତି, ଯେଉଁମାନେ କିଛି କହନ୍ତି ନାହିଁ, କାରଣ ସେମାନଙ୍କୁ ଶୁଣିବା ପାଇଁ କେହି ନ ଥାଏ । ସେମାନଙ୍କୁ କେବଳ ଶୁଣିବା ହିଁ ସେମାନଙ୍କର ନିଜସ୍ୱ ଜୀବନରେ କିଛିଟା ତରଙ୍ଗ ସୃଷ୍ଟି କରିବା, ଜଡ଼ତାରୁ ଜୀବନ୍ୟାସ ଦେବା । ଏପରେ, ଆମର ଚେତନାର ଝରଣା ସବୁ ମଧ୍ୟ ଖୋଲିଯାଏ । ଅନ୍ୟମାନଙ୍କୁ ଶୁଣିଲା ପରେ ଲାଗେ, ସଂସାରରେ ଏବେ ଗଭୀର ଜୀବନ ଜାହାଣୀମାନ - ଭଲ ପାଇବାର, ଦୁଃଖର, ତ୍ୟାଗର, ଧୈର୍ଯ୍ୟର - ଅଛି, ଯାହା ଆମେ, ଆମ ଅଞ୍ଚଳ ଜୀବନକୁ ଏକମାତ୍ର ସତ୍ୟ ବୋଲି ଭାବି ନେଇଥିବା ମଣିଷମାନେ, ଜାଣି ନ ଥିଲୁ । ଆଉ ଯେତେବେଳେ ଆମେ ସ

ପୂର୍ବ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡମିନ (ମହିଳା) ପ୍ରତିଯୋଗିତା ଉଦ୍‌ଯାପିତ

ସମ୍ବଲପୁର,୨୪/୧୨(ନି/ପ୍ର): ପୂର୍ବ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡମିଂଟନ (ମହିଳା) ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ସର୍ବଭାରତୀୟ ଅନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମାଂଟନ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହେଲା ଆଚାମାସ ବିଶ୍ୱବିଦ୍ୟାଳୟ, ଜିଟ୍ ବିଶ୍ୱବିଦ୍ୟାଳୟ, ଭିଭିଏସ ପୂର୍ବାଂଚଳ ବିଶ୍ୱବିଦ୍ୟାଳୟ ଓ ୟୁନିଭର୍ସିଟି ଏଫ କାଲକାତା । କ୍ରୀଡା ହିଁ ବ୍ୟକ୍ତିକୁ ଶୃଙ୍ଖଳା ଶିଖାଇଥାଏ ବୋଲି ଖେଳାଳିଙ୍କୁ ଉତ୍ସାହିତ କରିବାକୁ ଯାଇ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର ମତ ପ୍ରକାଶ କରିଛନ୍ତି । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଗତ ଡିସେମ୍ବର ୧୭ ତାରିଖରୁ ଆୟୋଜିତ ପୂର୍ବାଂଚଳ ଜୋନ ଅନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଓ ମହିଳା ବ୍ୟାଡ୍‌ମିଂଟନ ପ୍ରତିଯୋଗିତା ଅନ୍ତିମ ପର୍ଯ୍ୟାୟରେ ପହଂଚି ଯାଇଛି । ଚୂର୍ଣ୍ଣା ସ୍ଥିତ ବିଜୁ ପଟ୍ଟନାୟକ ଇଞ୍ଜୋର ଷ୍ଟାଡିୟମ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇଞ୍ଜୋର ହଲ ଠାରେ ଆୟୋଜିତ ହେଉଥିବା ଏହି ବ୍ୟାଡ୍‌ମିଂଟନ ପ୍ରତିଯୋଗିତାରେ ପୁରୁଷ ବର୍ଗରେ ପୂର୍ବରୁ ୪ଟି ଶ୍ରେଷ୍ଠ ଦଳର ମନୋନୟନ ହୋଇଯାଇଥିବା ବେଳେ ମହିଳା ବର୍ଗରେ ୪ ଟି ଦଳ ଅନ୍ତିମ ପର୍ଯ୍ୟାୟରେ ପହଂଚି ଯାଇଛନ୍ତି । ସେମାନଙ୍କ ମଧ୍ୟରେ ଆଚାମସ ୟୁନିଭର୍ସିଟି, ଜିଟ୍ ବିଶ୍ୱବିଦ୍ୟାଳୟ, ୟୁନିଭର୍ସିଟି ଏଫ କୋଲକାତା ଓ ଭି ବି ଏସ ପୂର୍ବାଂଚଳ ୟୁନିଭରସିଟି କ୍ଷ ସେମାନଙ୍କ ମଧ୍ୟରେ ପ୍ରଥମ ରେଙ୍କରେ ପଶ୍ଚିମବଙ୍ଗର ଆଚାମାସ ବିଶ୍ୱବିଦ୍ୟାଳୟ, ଦ୍ୱିତୀୟ ରେଙ୍କ ରେଙ୍କରେ ୟୁନିଭର୍ସେଟି ଏଫ କୋଲକାତା, ତୃତୀୟ ରେଙ୍କରେ ବୀର ବାହାଦୁର ସିଂ ପୂର୍ବାଂଚଳ ବିଶ୍ୱବିଦ୍ୟାଳୟ, ଭରତପୁରରେ ଓ ଚତୁର୍ଥ ରେଙ୍କରେ ଜିଟ୍, ଭୁବନେଶ୍ୱର ଅଧିକାର କରିଛି । ଆସରା ଜାନୁଆରୀ ୮ ତାରିଖରୁ ବାଙ୍ଗାଲୋର ର ପି.ଇ.ଏସ. ବିଶ୍ୱବିଦ୍ୟାଳୟ ରେ ଆୟୋଜିତ ହେବାକୁ ଥିବା ସର୍ବଭାରତୀୟ ଅନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମାଂଟନ ପ୍ରତିଯୋଗିତା ରେ ଏହି ତାରୋଟି ଦଳ ଭାଗ ନେବେ । ପୂର୍ବ ଜୋନ୍ ରୁ ପୁରୁଷ ବର୍ଗରେ ମୋଟ ୫୫ ଟି ବିଶ୍ୱବିଦ୍ୟାଳୟ ଦଳ ଏହି ମର୍ଯ୍ୟାଦାଳନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ମହିଳା ବର୍ଗରେ ୪୦ ଟି ଦଳ ଭାଗ ନେଇଛନ୍ତି । ମହିଳା ବର୍ଗର ଅନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମାଂଟନ ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ର ପିଜି ଜାତୀୟ ଶିକ୍ଷା ଯୋଜନାମ୍ୟାନ ପ୍ରଫେସର ତୁଷାର କାନ୍ତି ଦାସ, ଷ୍ଟୋର୍ଟ୍ସ ଜାତୀୟ ଶିକ୍ଷା ର ସଚିବ ପ୍ରଫେସର ଦେବେନ୍ଦ୍ର ମହାଜିକ, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଳୟ ରଞ୍ଜନ ମହାନନ୍ଦ,କ୍ରୀଡା ଅଧିକାରୀ ଡ଼. ଅବିନାଶ କର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ପ୍ରଫେସର ମିଶ୍ର ଏହି ପୂର୍ବାଂଚଳ ଅନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମାଂଟନ ପ୍ରତିଯୋଗିତା ରେ ସର୍ବ ଭାରତୀୟ ସ୍ତରରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହ ହୋଇଥିବା ଚାରୋଟି ଦଳକୁ ଶୁଭେଚ୍ଛା ଜଣାଇବା ସହ କ୍ରୀଡା ହିଁ ବ୍ୟକ୍ତି କୁ ଶୃଙ୍ଖଳା ର ଶିକ୍ଷା ଦିଏ ବୋଲି ନିଜ ବକ୍ତବ୍ୟ ରେ କହିଥିଲେ । ମ୍ୟାଚ୍ ପରିଚାଳନା କରିଥିଲେ ଓଡିଶା ବ୍ୟାଡ୍‌ମାଂଟନ ସଂଘର ସ୍ୱାକୃତିପ୍ରାପ୍ତ ମ୍ୟାଚ୍ ରେଫରୀ ସୁଧୀର ମିଶ୍ର, ଅମ୍ପାୟାର ଅନିଶ ହାଁସଦା, ବାବୁଲୁ ସାହୁ, ସୂର୍ଯ୍ୟ ପାଣିଗ୍ରାହୀ, ଅଂଶୁମାନ ପାତ୍ର, ବିଶ୍ୱମୋହନ ଅଚାରୀ, ହେମାନନ୍ଦ ଥପା, ବିକ୍ରମ ପଣ୍ଡା ଓ ଦେବେନ୍ଦ୍ର ଦାଣ୍ଡିଆ ।

୨୮ରେ ସମ୍ବଲପୁର ଲୋକ ମହୋତ୍ସବ ଚିତ୍ରକଳା କର୍ମଶାଳା

ସମ୍ବଲପୁର, ୨୪/୧୨(ନି/ପ୍ର):ବହୁ ପ୍ରତିକ୍ଷିତ ସମ୍ବଲପୁର ଲୋକ ମହୋତ୍ସବ ପାଇଁ ଆସନ୍ତା ୨୮ ରେ ଚିତ୍ରକଳା କର୍ମଶାଳା ଆୟୋଜିତ ହେବ । ଏହି କର୍ମଶାଳା ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ସ୍ଥିତ ଇଞ୍ଜୋର ହଲ ଠାରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ମଧ୍ୟରେ କରାଯିବାକୁ ସ୍ଥିର କରାଯାଇଛି । ଏଥିରେ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନେ ସାମିଲ ହେବାକୁ ଅନୁରୋଧ କରାଯାଇଛି । ଏଥିପାଇଁ ମୋଟ ୪ଟି ଗ୍ରୁପ କରାଯାଇଛି । ଗ୍ରୁପ - ଏରେ ୧ମରୁ ୩ୟ ଶ୍ରେଣୀ, ଗ୍ରୁପ- ବିରେ ୪ର୍ଥ ୬ଷ୍ଠ ଶ୍ରେଣୀ, ଗ୍ରୁପ-ସିରେ ୭ମରୁ ୧୦ମ ଶ୍ରେଣୀ ଏବଂ ଗ୍ରୁପ-ଡିରେ ସ୍ନାତକ୍ତରୁ ତଦୂର୍ଦ୍ଧ ଛାତ୍ରଛାତ୍ରୀ ମାନେ ଯୋଗ ଦେଇପାରିବେ । କେବଳ ଗ୍ରୁପ-ଏ ଛାତ୍ରଛାତ୍ରୀମାନେ ନିଜ ଇଚ୍ଛା ମୁତାବକର ଚିତ୍ର ଅଙ୍କନ କରିପାରିବେ । ବଳକା ଗ୍ରୁପର ଛାତ୍ରଛାତ୍ରୀମାନେ ଆମ ସଂସ୍କୃତି ସମ୍ପର୍କିତ ଚିତ୍ର ଅଙ୍କନ କରିବେ । ପ୍ରତି ଗ୍ରୁପର ଭଲ ୫୦ଟି ଚିତ୍ରକୁ ମହୋତ୍ସବର ପ୍ରଦର୍ଶନୀ ମେଳାରେ ସ୍ଥାନିତ କରାଯିବ । ଭାଗ ନେବାକୁ ଇଚ୍ଛା କରୁଥିବା ଛାତ୍ରଛାତ୍ରୀଙ୍କୁ କୌଣସି ଦେୟ ଦେବାକୁ ନାହିଁ ବୋଲି ପ୍ରଦର୍ଶନୀ ଉପକମିଟିର ଆବାହକ କୁଳଦୀପ ବର୍ମା, ସହ ଆବାହକ ରୁଚିସ ଦେ ଓ ଶ୍ରୀମନ୍ତ ସାହୁ ସୂଚନା ଦେଇଛନ୍ତି ।

ଭିଜିଲାନ୍ସ ଜାଲରେ ବରିଷ୍ଠ ରାଜସ୍ୱ ସହାୟକ, ୪ ସ୍ଥାନରେ ଚଢ଼ଉ

ସମ୍ବଲପୁର,୨୪/୧୨(ନି/ପ୍ର): ଆୟ ବହିର୍ଭୂତ ସମ୍ପତ୍ତି ଠୁକ ଅଭିଯୋଗରେ ସମ୍ବଲପୁର ସେଟେଲମେଂଟ (ବନ୍ଦୋବସ୍ତ) ଅଫିସରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ରାଜସ୍ୱ ସହାୟକ(୫ଜଣ)ବା ସୁଦେବ ଭୋଇଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରାଯାଇଛି । ଏନେଇ ତାଙ୍କର ଚାରୋଟି ସମ୍ପତ୍ତି ଥିବା ସ୍ଥାନରେ ଓଡ଼ିଶା ଭିଜିଲାନ୍ସ ଅଧିକାରୀମାନେ ଚଢ଼ଉ କରିଛନ୍ତି । ସମ୍ବଲପୁରର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସର ୨ ଜଣ ଉଚ୍ଚତ, ୮ ଜଣ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ବରଗଡ଼ ଏବଂ ସମ୍ବଲପୁର ଜିଲ୍ଲାର ୪ଟି ସ୍ଥାନରେ ଏକକାଳୀନ ଘର ତଲାସୀ କରାଯାଇଛି । ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଜାରି ଏକ ସୂଚନା ଅନୁଯାୟୀ,ଚଢ଼ଉ ହୋଇଥିବା ସ୍ଥାନଗୁଡ଼ିକ ମଧ୍ୟରେ ବରଗଡ଼ର ଏକ ଦ୍ୱିତଳ ଆବାସିକ ଭୋଟା, ସମ୍ବଲପୁରର ଚାରଭାଟିରେ ଏକ ଭୋଟା, ବରଗଡ଼ରେ ତାଙ୍କ ପୈତୃକ ଘର ଏବଂ ସମ୍ବଲପୁରରେ ତାଙ୍କ କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ ।

ବାଂଲାଦେଶରେ ହିନ୍ଦୁଙ୍କ ସୁରକ୍ଷା ଓ ଭାରତରୁ ବାଂଲାଦେଶୀ ଉଚ୍ଛେଦ ଦାବି କଲା ଭଦ୍ରକ ରାଷ୍ଟ୍ରବାଦୀ ଯୁବକ ସଂଘ

ଭଦ୍ରକ,୨୪/୧୨(ନି/ପ୍ର): ବାରମ୍ବାର ବାରମ୍ବାର ବାଂଲାଦେଶ ରେ ସଂଖ୍ୟାଲଘୁ ହିନ୍ଦୁ ମାନଙ୍କ ଉପରେ ଅଭଥନୀୟ ଅତ୍ୟାଚାର ହେଉଥିବା ବେଳେ ସବୁ ସୀମା ଲଂଘି ଜମୈକ ହିନ୍ଦୁ ଗରିବ ଯୁବକକୁ ହତ୍ୟା କରି ଜାଳି ଦିଆ ଯାଇଛି । ଯାହା ନେଇ ସମଗ୍ର ଭାରତ ସହିତ ଅନ୍ୟାନ୍ୟ ଦେଶ ରେ ବାଂଲାଦେଶ କୁ ଘୋର ନିନ୍ଦା କରାଯାଇଛି । ବାଂଲାଦେଶୀ ମାନେ ଆସି ଭାରତରେ ବ୍ୟବସାୟ କରୁଥିବା ବେଳେ ବାଂଲାଦେଶରେ ହିନ୍ଦୁ ଙ୍କ ଉପରେ ଅତ୍ୟାଚାର ସୀମା ଲଂଘିଛି ।ଏ ନେଇ ଆଜି ରାଷ୍ଟ୍ରବାଦୀ ଯୁବକ ସଂଘ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ଙ୍କ ଜରିଆରେ ମହା ମହିମ ରାଷ୍ଟ୍ରପତି, ମାନନୀୟ ପ୍ରଧାନ ମନ୍ତ୍ରୀ ଓ ଗୃହ ମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରା ଯାଇଛି । ଦାବି କରା ଯାଇଛି ଯେ ବାଂଲାଦେଶ ରେ ସଂଖ୍ୟାଲଘୁ ହିନ୍ଦୁ ଙ୍କ ସୁରକ୍ଷା ସହିତ ଭାରତ ରୁ ରୋହିଙ୍ଗା ବାଂଲାଦେଶୀ ଙ୍କୁ ଉଚ୍ଛେଦ କାର୍ଯ୍ୟ କୋବାର କରାଯାଉ । ଏହାଛଡ଼ା ଭଦ୍ରକ ଜିଲ୍ଲା ରେ ଥିବା ବାଂଲାଦେଶୀ ଙ୍କୁ ଏକ ସ୍ୱାର୍ଚ୍ଚ ଗଠନ କରାଯାଇ ଅଧିକାରୀ ଙ୍କ କଳିଆରେ ସାପ୍ତାହିକ ରୁଟିନ ମୁତାବକ ଭୋଟର ପରିଚୟ ଓ ଆଧାର କାର୍ଡ ଯାଂଚ କରାଯିବା ସହିତ ଭଦ୍ରା ଘର ଉପରେ କୋରବାର ଚଢ଼ାଉ କରାଯାଉ । ଏଥି ନେଇ ଦଣ୍ଡ ବ୍ୟବଧାନ ର ବ୍ୟବସ୍ଥା କରା ଯିବା ନେଇ ମଧ୍ୟ ଦାବି କରା ଯାଇଛି । ବାଂଲାଦେଶ ଭାଲୁକା ଅଂଚଳରେ ଜଣେ ଶ୍ରମିକ ବିପୁ ଚନ୍ଦ୍ର ଦାସ ଙ୍କୁ ହିନ୍ଦୁ ହୋଇଥିବା ରୁ ଜବର ଦସ୍ତ ଧର୍ମ ପରିବର୍ତ୍ତନ କଥା ନେଇ ଶେଷରେ ସ୍ପଷ୍ଟ ବିବାଲୋକ ରେ ଅତି ନିର୍ମମ ଭାବେ ପିଟି ପିଟି ହତ୍ୟା କରି ଗଛରେ ଟାଙ୍ଗୀ ନିଆଁ ରେ ଜଳେଇ ସାମାଜିକ ଗଣ ମାଧ୍ୟମ ରେ ଛାଡ଼ି ଏଭଳି ହିନ୍ଦୁ ଙ୍କ ଅବସ୍ଥା ହେବ କହିବା ଏକ ଅଣ ସାମ୍ବିଧାନିକ ରାଷ୍ଟ୍ର ର ପରିଚୟ ଦେଇଛନ୍ତି । ରାଷ୍ଟ୍ର ମୁଖ୍ୟ ପ୍ରଶାସକ ମହମଦ ୟୁନୁଷ ଙ୍କ ଶାସନରେ ସେଠାରେ ପୋଲିସ ଥାଇ ମଧ୍ୟ ଜିହାଦୀ ଙ୍କୁ ବେଇ ହତ୍ୟା କରାଇବା ଘଟଣା ରୁ ସ୍ପଷ୍ଟ ଭାବେ ଗଣ ମାଧ୍ୟମରେ ଏହା ସର୍ବଜ୍ଞାତରେ କରା ଯାଇଥିଲା ବୋଲି କୁହା ଯାଉଛି । ଏ ନେଇ ଭାରତ ସରକାର ମଧ୍ୟ ଆଜ୍ଞନ ମୁଡ଼ ଆସିଥିଲେ ମଧ୍ୟ ତୁରନ୍ତ ହିନ୍ଦୁ ସୁରକ୍ଷା ଏବଂ ବାଂଲାଦେଶ ଉପରେ କଡା କାର୍ଯ୍ୟାକୁଷାନ ପାଇଁ ସଂଘ ଦାବି କରିଛି । ଏହାଛଡ଼ା ବ୍ୟବସାୟ ଆଜରେ ଆସି ଦେଶ ର ବିଭିନ୍ନ ରାଜ୍ୟରେ ସମ୍ପର୍କ ରେ ରହି ଅନେକ ଭିଛି ଦେଆଜନ କାର୍ଯ୍ୟ ରେ ଲିପ୍ତ ରହି ଅସାମାଜିକତା ସୃଷ୍ଟି କରୁଛନ୍ତି । ତାପରେ ଭାରତ ଛାଡ଼ି ପଳାଉଛନ୍ତି, ଚୋରି ଡକାୟତି ଲଭ ଜିହାଦ ଜମି ଦଲାଲି ଭଳିଆ କାର୍ଯ୍ୟ ରେ ନିୟୋଜିତ ହୋଇ ଚାଲିଛନ୍ତି । ଭଦ୍ରକ ରେ ରହୁଥିବା ବହୁ ବାସିନ୍ଦା ଙ୍କ ମୋଟା ଅର୍ଥ ଦେଇ ରହିବା ସହିତ ବେପାର କରିବା ଆଜରେ ଦେଶ ବିରୋଧୀ ତତ୍ତ୍ୱ ଅନୁସନ୍ଧାନ କରୁଛନ୍ତି । ଏ ନେଇ ଦେଶ ରେ ଓଡ଼ିଶାରେ ଭଦ୍ରକ ରେ ମଧ୍ୟ ଗୁରୁତର ସହିତ ଏହି ଅଭିଯୋଗ କୁ ଗ୍ରହଣ କରି ତୁରନ୍ତ ବାଂଲାଦେଶୀ ଙ୍କୁ ହଟାଇବା ପାଇଁ ଦାବି କରାଯାଇଛି । ସଂଘ ପକ୍ଷରୁ ଜ୍ଞାନ ପ୍ରକାଶ ପାଣି,ରବୀନ୍ଦ୍ର ସାହୁ ଓ ଆଶିଷ ବାଲିକ ଙ୍କ ନେତୃତ୍ୱରେ ଜୟ ପ୍ରକାଶ ଦାସ, ମାନସ ପଣ୍ଡା, ଜୟ ଜଗନ୍ନାଥ ମଲିକ, ପ୍ରମୋଦ କୁମାର ଦାସ, ସଞ୍ଜୟ ଦାସ ପ୍ରମୁଖ ଶତାଧିକ ସଦସ୍ୟ ସାମିଲ ହୋଇ ଯୁକ୍ତଙ୍କ ଙ୍କ ଫଟୋ କୁ ନିଆଁ ଲଗାଇ ଜାଳିଥିଲେ ।



ସମ୍ବଲପୁରରେ "୫ମ ଜାତୀୟ ସମ୍ବଲପୁରୀ ସମ୍ମେଳନ୍"ରେ କେନ୍ଦ୍ରମନ୍ତ୍ରୀ

ଲୋକସଂସ୍କୃତି କେବେ ବିଲୁପ୍ତ ହୁଏ ନାହିଁ, ସମୟ କ୍ରମେ ନୂଆ ରୂପରେ ଉଜ୍ଜୀବିତ ହୁଏ : ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୨୪/୧୨(ନି/ପ୍ର): ଆମର ପ୍ରାଚୀନ କଳା ଓ ସଂସ୍କୃତି ପ୍ରମାଣ କରେ ଯେ ଆମର ଲୋକସଂସ୍କୃତି କେବେ ବି ବିଲୁପ୍ତ ହୁଏ ନାହିଁ, ବରଂ ଏହା ସମୟାନୁକ୍ରମେ ନୂତନ ରୂପରେ ଉଜ୍ଜୀବିତ ହୋଇ ରହେ ବୋଲି ମଙ୍ଗଳବାର ସମ୍ବଲପୁରରେ 'ପଶ୍ଚିମାଂଚଳ ଏକତା ମଂଚ' ପକ୍ଷରୁ ଆୟୋଜିତ "୫ମ ଜାତୀୟ ସମ୍ବଲପୁରୀ ସମ୍ମେଳନ୍"ର ଉଦଯାପନୀ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କହିବା ଅନୁଯାୟୀ, ଭାରତକୁ ଏକ 'ବିକଶିତ ଭାରତ'ରେ ପରିଣତ କରିବାକୁ ହେଲେ ଆମକୁ ପରାଧୀନତାର ପ୍ରତୀକ 'ମାକାଉଲେ ମାନସିକତା'ରୁ ବାହାରିବାକୁ ପଡ଼ିବ । ଟି.ବି. ମାକାଉଲେ ଭାରତର ସନାତନ ସଂସ୍କୃତିକୁ ପଥଚ୍ୟୁତ କରିବା ପାଇଁ ଆମର ଭାଷା, ସାହିତ୍ୟ ଓ ଶିକ୍ଷା ପଦ୍ଧତିକୁ ଦୁର୍ବଳ କରିବାକୁ ଚେଷ୍ଟା କରିଥିଲେ । ମାତ୍ର ବର୍ତ୍ତମାନ ଦେଶରେ ମୂଳଭୂତ ପରିବର୍ତ୍ତନ ଆସିଛି । ନୂତନ ଜାତୀୟ ଶିକ୍ଷା ନୀତି ଅନୁଯାୟୀ, ଭାରତର ସବୁ ମାତୃଭାଷା ହେଉଛି ରାଷ୍ଟ୍ରୀୟ ଭାଷା । ଏହି ପରିପ୍ରେକ୍ଷୀରେ ସମ୍ବଲପୁରୀ ଭାଷା ମଧ୍ୟ ଏକ ଗୌରବମୟ ରାଷ୍ଟ୍ରୀୟ ଭାଷା । ଭାଷା ହେବେ ବିଭେଦ ସୃଷ୍ଟି କରେ ନାହିଁ, ବରଂ ଏହା ସଂସ୍କୃତିକୁ ଯୋଡ଼ିଥାଏ । ଆମ ଭାଷା, ସାହିତ୍ୟ ଓ ସଂସ୍କୃତି ହିଁ ଆମର ପ୍ରକୃତ ପରିଚୟ । ଏହି ସଂସ୍କୃତିକୁ ସୁରକ୍ଷିତ ରଖିବା ଏବଂ ମାକାଉଲେ ଶିକ୍ଷା ନୀତିର ପ୍ରଭାବରୁ ମୁକ୍ତ ହୋଇ ନିଜ ମାତୃଭାଷାକୁ ଆପଣେଇବା ହିଁ ଆମର ପ୍ରକୃତ ଦାୟିତ୍ୱ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ, ଆମର ମାଟି ଓ ଭାଷାକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ଅନେକ ମହାପୁରୁଷଙ୍କ ସାଧନା ରହିଛି । ଗୁରୁଶ୍ରୀ ସତ୍ୟନାରାୟଣ ବହିଦାରଙ୍କ ଭାଷା ପ୍ରତି ଅବଦାନ ଏବଂ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କାଳଜୟୀ କାବ୍ୟ ଆମ ସାହିତ୍ୟର ଅମୂଲ୍ୟ ସମ୍ପଦ । ଏହି ଧାରାକୁ ପଦ୍ମଶ୍ରୀ ହଳଧର ନାଗ ନିଜ ଲେଖନୀ ମାଧ୍ୟମରେ ଏକ ନୂତନ ଉଚ୍ଚତାକୁ ନେଇଯାଇଛନ୍ତି । ପଦ୍ମଶ୍ରୀ କୃଷ୍ଣଚାର୍ଯ୍ୟ ଆଚାର୍ଯ୍ୟ ଆମର ବୁଣାକାର ଶିଳ୍ପକୁ ସମୃଦ୍ଧ କରି ସମ୍ବଲପୁରୀ ବସ୍ତ୍ରକୁ ବିଶ୍ୱବିଖ୍ୟାତ କରିଛନ୍ତି । ଏହି ମହାପୁରୁଷମାନଙ୍କ ଯୋଗୁଁ ଆମର କଳା ଓ ସଂସ୍କୃତି ଆଜି ସମଗ୍ର ବିଶ୍ୱରେ ଗୌରବାନ୍ୱିତ । ଆଜି ଯେଉଁ ଏକତା ଓ ସଂହତିର ଚିତ୍ର ଏହି ମଂଚରେ ଦେଖିବାକୁ ମିଳୁଛି, ତାହା 'ପଶ୍ଚିମାଂଚଳ ଏକତା ମଂଚ'ର ଅକ୍ଳାନ୍ତ ପରିଶ୍ରମର ଫଳ । ରାଷ୍ଟ୍ରୀୟ ସ୍ତରରେ ସମ୍ବଲପୁରୀ ଭାଷା ଓ କଳାକୁ ଏକ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ଏହି 'ଜାତୀୟ ସମ୍ମିଳନୀ' ଏକ ସ୍ମାରକଯୋଗ୍ୟ ପଦକ୍ଷେପ । ହୀରାକୁଦ ବନ୍ଧ ନିର୍ମାଣ ହେବା ପୂର୍ବର ସମ୍ବଲପୁରର ଜହିରାସ ଅତ୍ୟନ୍ତ ପ୍ରାଚୀନ । ଭୀମମଣ୍ଡଳୀ ଓ ସମ୍ବଲପୁରୀ ମନ୍ଦିରମାନଙ୍କର ସ୍ଥାପତ୍ୟ ଆମର ଗୌରବମୟ ଅତୀତର ସାକ୍ଷୀ । ଏଠାରେ ପ୍ରାୟ ଦଶ ହଜାର ବର୍ଷ ପୂର୍ବର 'ରକ୍ ଆର୍ଟ' ବା ଶୈଳ ଚିତ୍ର ରହିଛି, ଯାହା ଉପରେ ଏବେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସଆଇ) ଗବେଷଣା କରୁଛି । ଏହି ସବୁ ବିଷୟକୁ ଆଗେଇ ନେବା ଦିଗରେ ଜାତୀୟ ସମ୍ବଲପୁରୀ ସମ୍ମେଳନ୍ ଅଗ୍ରଣୀ ଭୂମିକା ନିର୍ବାହ କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

ଆନ୍ତର୍ଜାତୀୟ ସମବାୟ ଦିବସ ଉଦ୍‌ଯାପିତ

ଜୟପୁର, ୨୪/୧୨(ନି/ପ୍ର): ଜାନି,ଡେପୁଟି ଡାଇରେକ୍ଟର ଟେକ୍ସଟାଇଲ କୋରାପୁଟ ଶିଶିର ନାଗ ଉପସ୍ଥିତ ଥିଲେ । ସମବାୟ ସପ୍ତାହ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଓ ଉତ୍କୃଷ୍ଟ ସମବାୟ ସମ୍ପତ୍ତ୍ୱ ଏବଂ ସମବାୟ ବିଭାଗର କର୍ମଚାରୀ ମାନଙ୍କୁ ଅର୍ଥରାଶି ସହ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । କେସିସି ବ୍ୟାଙ୍କ ସଭାପତି ଈଶ୍ୱର ପାଣିଗ୍ରାହୀ ଓ ନିର୍ଦ୍ଦେଶକ ରମାକାନ୍ତ ରାଉଳଙ୍କୁ ନିମନ୍ତ୍ରଣ କରାଯାଇନଥିବାରୁ ସାଧାରଣରେ ଚର୍ଚ୍ଚା ହୋଇଥିଲା । ଡିଆରସିଏସ ଏସଓପି ଅନୁଯାୟୀ ଆଜିର କାର୍ଯ୍ୟକ୍ରମ କରାଯାଇଛି ବୋଲି ବିଭାଗ ନିବନ୍ଧକ ମୋନିକା ରାୟ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ସିଆରସିଏସ ଶିଶିର କୁମାର ଦାସ ପରିଚାଳନା କରିଥିଲେ ।

ବିଶିଷ୍ଟ ଗାନ୍ଧିବାଦୀ ଓ ମହାନ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗୋକୁଳାନନ୍ଦ ମହାନ୍ତିଙ୍କ ୧୨୬ତମ ଜୟନ୍ତୀ

ଭଦ୍ରକ, ୨୪/୧୨(ନି/ପ୍ର): ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତି ଙ୍କ ଜୟନ୍ତି ଅବସରରେ ଏକ ଆଲୋଚନା ଚକ୍ର ଜିଲ୍ଲା ସୂଚନା ଲୋକସମ୍ପର୍କ ବିଭାଗ, ଭଦ୍ରକ ଦ୍ୱାରା ଭଦ୍ରକସ୍ଥିତ ସଂସ୍କୃତି ଭବନରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯା

ମ୍ୟୁନିସିପାଲ ମହାବିଦ୍ୟାଳୟରେ ପଟଂଦିବସୀୟ ଅଧ୍ୟାପନା ବିକାଶ କର୍ମଶାଳା ଉଦ୍‌ଯାପିତ

ରାଉରକେଲା,୨୪/୧୨(ନି/ପ୍ର): ମ୍ୟୁନିସିପାଲ ମହାବିଦ୍ୟାଳୟ ରାଉରକେଲା ଓ ଚଗ-ଟଙ୍କଶାଳ ମିଳିତ ସହଯୋଗରେ ଆୟୋଜିତ ପଟଂଦିବସୀୟ ଅଧ୍ୟାପନା ଦକ୍ଷତା ବିକାଶ କର୍ମଶାଳାର ଆଜି ଉଦଯାପନ ହୋଇଯାଇଛି । ଏହି କର୍ମଶାଳାଟି ୧୯ ଡିସେମ୍ବର ୨୦୨୫ ରୁ ଆରମ୍ଭ ହୋଇ ୨୩ ଡିସେମ୍ବର ପର୍ଯ୍ୟନ୍ତ ଚାଲିଥିଲା । ଏହା "ଉଚ୍ଚ ଶିକ୍ଷାରେ କୃତ୍ରିମ ବୁଦ୍ଧିମତା: ପ୍ରସଙ୍ଗ ଆହ୍ୱାନ ଏବଂ ପ୍ରସ୍ତାବ" ସମ୍ବନ୍ଧିତ ଭିନ୍ନିରେ ଆୟୋଜିତ ହୋଇଥିଲା ରାଜ୍ୟର ବିଭିନ୍ନ ସ୍ଥାନରୁ ୧୫୦ ରୁ ଊର୍ଦ୍ଧ୍ୱ ମହାବିଦ୍ୟାଳୟ ସ୍ତରୀୟ ଅଧ୍ୟାପକ ପ୍ରତିନିଧିଙ୍କଙ୍କ ଏହି କର୍ମଶାଳାରେ ଯୋଗଦାନ କରି ବିଷୟ ବିଶେଷଜ୍ଞ ସହ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପ୍ରାରମ୍ଭିକ ଅଧିବେଶନରେ ମହାବିଦ୍ୟାଳୟର ଅଧକ୍ଷ ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଉଚ୍ଚ ଶିକ୍ଷାରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ତଥା ପାଠ୍ୟକ୍ରମରୁ ସହଜ, ରୋଚକ ଢଙ୍ଗରେ ପ୍ରକାଶ କରିବା ବୋଲି କହିଥିଲେ । ଏହି ପଟଂଦିବସୀୟ କର୍ମଶାଳାଟି ଦଶଗୋଟି ସତ୍ରରେ ବିଭାଜିତ ହୋଇଥିବାବେଳେ ପ୍ରତ୍ୟେକ ପ୍ରଥମ ସତ୍ର କୃତ୍ରିମ ବୁଦ୍ଧିମତା ସମ୍ବନ୍ଧରେ ଆଲୋଚନା ଓ ତଥ୍ୟ ପ୍ରଦାନ ସହିତ ଦ୍ୱିତୀୟ ସତ୍ରରେ ପ୍ରାପ୍ତ ସୂଚନାର ବ୍ୟବହାରିକତା ଭିତ୍ତିକ ତାଲିମ ପ୍ରଦାନ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟର ଲବ୍ଧ-ପ୍ରତିଷ୍ଠିତ ଅନୁଷ୍ଠାନ ମାନଙ୍କର ବିଭିନ୍ନ ବିଭାଗର ବରିଷ୍ଠରାଜ୍ୟ ଦକ୍ଷ ପ୍ରଫେସର ମାନେ ଯଥା ଏନ୍.ଆଇ.ଟି ର ପ୍ରଫେସର ପ୍ରଫେସର ମନୀଶ ଓଜଟେ ଓ ଡଃ. ଶିବରାମ ପାଣିଗ୍ରାହୀ, ଇଣ୍ଡିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେ[ର ପ୍ରଫେସର ଡଃ. ଦେବେନ୍ଦ୍ର କୁମାର ଯାଦବ ଓ ଡଃ. ସିଦ୍ଧାର୍ଥ ମିଶ୍ର, ବିର୍ଲା ଗ୍ଲୋବାଲ୍ ୟୁନିବର୍ସିଟିର ପ୍ରଫେସର ଡଃ. ଶୁଭେନ୍ଦ୍ର କୁମାର ପ୍ରତିହାରି, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ. ଦେବେନ୍ଦ୍ର କୁମାର ମହାଳିକ ତଥା ଆମେଟି ବିଶ୍ୱବିଦ୍ୟାଳୟ ରାଚିର ଅଧ୍ୟାପିକା ଡଃ ପଲୁବି କାନୁନଗୋ ପ୍ରମୁଖ ଅଂଶ ଗ୍ରହଣ କରି ପ୍ରତିନିଧି ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ସେମାନଙ୍କ ଶିକ୍ଷାଦାନ ତଥା ଗବେଷଣାରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ସଂପର୍କରେ ଅବଗତ କରେଇଥିଲେ । କର୍ମଶାଳାର ଅନ୍ତିମ ଦିବସରେ ପ୍ରତିନିଧି ଅଧ୍ୟାପକ ଅଧ୍ୟାପିକା ପଟଂ ଦିବସ ବ୍ୟାପି ଗ୍ରହଣ କରିଥିବା ତଥ୍ୟର ଉଚ୍ଚ ଶିକ୍ଷାରେ କାର୍ଯ୍ୟକାରି ଦିଗଟି ସମ୍ପର୍କରେ ଆଲୋଚନା କରିବା ସହ ଏକ ଏକ ପ୍ରଦର୍ଶନୀ ରିପୋର୍ଟ ମଧ୍ୟ ପ୍ରଦାନ କରିଥିଲେ । କର୍ମଶାଳାର ଉଦଯାପନ ଦିନର ମୁଖ୍ୟଅତିଥି ଭାବେ ଏନ. ଆଇ. ଟି. ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର ଡେ. ଉମାମହେଶ୍ୱର ରାଓ, ସମ୍ମାନୀତ ଅତିଥି ଭାବେ ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ରାୟ ପ୍ରବନ୍ଧକ ତଥା ମୁଖ୍ୟ ଭାରତ ସଂତାର ନିଗମ ଲିମିଟେଡ ଏବଂ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ଡଃ ଅଜୟ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ପ୍ରଫେସର ଚନ୍ଦନ କୁମାର ସାହୁ ଯୋଗଦେଇ ଉଚ୍ଚ ଶିକ୍ଷାରେ କୃତ୍ରିମ ବୁଦ୍ଧିମତାର ଆବଶ୍ୟକତା ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଏପରି ଏକ ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରିଥିବାରୁ ମହାବିଦ୍ୟାଳୟର ଅଧକ୍ଷ, ଆୟୋଜକ ମଣ୍ଡଳିଙ୍କୁ ସାଧୁବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମଟିକୁ ସ୍ନାତକୋତ୍ତର ବାଣିଜ୍ୟ ବିଭାଗ, ଆୟୋଜକ କରିଥିବା ବେଳେ କାର୍ଯ୍ୟକ୍ରମଟିକୁ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଶ୍ରୀଯୁକ୍ତ ବିଜୟ କୁମାର ପାଢ଼ାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ, ସର୍ବଶ୍ରୀ ଆକାଶ ଚନ୍ଦ୍ର ଦାସ, ଆଶୀର୍ବାଦ ମାଝି, ଅର୍ଦ୍ଧେନ୍ଦ୍ର ବାନାର୍ଜୀ, ଭୌମିକ ଗୋସ୍ୱାମୀ, ସୁଶ୍ରୀ ଶିଳ୍ପା ଲାଙ୍ଗା, ସୁଶ୍ରୀ ସୁଲତା ଚାଣ୍ଡି, ଶ୍ରୀମତୀ ପ୍ରିୟଙ୍କା ମହାନ୍ତି, ଶ୍ରୀମତୀ ଚନ୍ଦ୍ରଲେଖା ପଷ୍ଟା , ଶ୍ରୀମତୀ ରୁମ୍ପିତ୍ରେଲେଙ୍କେଟୀ ପ୍ରମୁଖ ଏହାର ପରିଚାଳନା କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ହରିହର ବାଣ, ପ୍ରାକ୍ତନ ଅଧକ୍ଷ ଡଃ. ସନାତନ ପଧାନ, ଡଃ. ଅଜୟ କୁମାର ମିଶ୍ର, ପ୍ରାକ୍ତନ ପ୍ରଧାପକ ଶ୍ରୀଯୁକ୍ତ ଗୋଲକ ବିହାରୀ ଦଳବେହେରା, ଶ୍ରୀଯୁକ୍ତ ସୁନୀଲ କୁମାର ମହାନ୍ତି, ବରିଷ୍ଠ ଅଧ୍ୟାପିକା ଶ୍ରୀମତୀ ଭୂମା ସାହୁ, ଶ୍ରୀମତୀ ଅର୍ଚ୍ଚିତା ମହାପାତ୍ର ପ୍ରମୁଖ ବିଭିନ୍ନ ସତ୍ରରେ ସଭାପତିତ୍ୱ କରିଥିଲେ । ପରିଶେଷରେ ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ପ୍ରମାଣପତ୍ର ପ୍ରଦାନ ତଥା ବୌଦ୍ଧିକ ଜଳ୍ପଜଟ ରୋପଣପରାନ୍ତ ଆନୁଷ୍ଠାନିକ ଭାବେ କର୍ମଶାଳାର ଉଦଯାପନ ହୋଇଥିଲା । ଏହି କର୍ମଶାଳା ମହାବିଦ୍ୟାଳୟର ସମସ୍ତ ଅଧ୍ୟପକ ଅଧ୍ୟାପିକା, ସହାୟକ କର୍ମୀମାନଙ୍କ ସହଯୋଗରେ ସଂପାଦିତ ହୋଇଥିଲା ।

ସୁନ୍ଦରଗଡ଼ ଜିଲ୍ଲା ଜେଲରେ ୫୪୭ କଏଦୀଙ୍କ ଅନଶନ

ସୁନ୍ଦରଗଡ,୨୪/୧୨(ନି/ପ୍ର): ନବନିଯୁକ୍ତ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କଥିତ ତ୍ରୁଟିପୂର୍ଣ୍ଣ ପରିଚାଳନା ଏବଂ ଅସବାଚରଣ ବିରୋଧରେ ସୁନ୍ଦରଗଡ଼ ଜିଲ୍ଲା ଜେଲର ୫୪୭ରୁ ଅଧିକ କଏଦୀ ସୋମବାର ରାତିରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ ଆରମ୍ଭ କରିଛନ୍ତି । ସୂଚନା ଅନୁସାରେ, ଜେଲର କଏଦୀମାନେ ଖାଦ୍ୟ ଏବଂ ପାଣି ମନା କରିବା ସହିତ ଜେଲ ପ୍ରଶାସନ ବିରୁଦ୍ଧରେ ଅନେକ ଅଭିଯୋଗ ଉଠାଇ ଆନ୍ଦୋଳନ ଆରମ୍ଭ କରିଛନ୍ତି । କଏଦୀମାନେ ଅଭିଯୋଗ କରିଛନ୍ତି ଯେ ସେମାନଙ୍କୁ ଉପଯୁକ୍ତ ଖାଦ୍ୟ ଯୋଗାଇ ଦିଆଯାଉନାହିଁ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ସାକ୍ଷାତ କରିବାକୁ ମନା କରାଯାଉଛି । ଜେଲ ସୁବିଧା ଏବଂ ଚିକିତ୍ସା ବିଷୟରେ ଆହୁରି ଅନେକ ଅଭିଯୋଗ ମଧ୍ୟ ଉଠାଯାଇଛି । ପ୍ରତିବାଦକାରୀ କଏଦୀମାନେ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ତୁରନ୍ତ ସ୍ଥାନାନ୍ତର ଦାବି କରିବା ସହିତ ଜେଲ ଭିତରେ ପ୍ରଚଳିତ ସମସ୍ୟା ପାଇଁ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ହିଁ ଦାୟୀ କରିଛନ୍ତି । ଏହି ଘଟଣା ପରେ, ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ଜେଲ ପରିସରରେ ଏବଂ ଆଖପାଖରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ଅତିରିକ୍ତ ପୋଲିସ ଅଧୀକ୍ଷକ, ଉପ-ବିଭାଗୀୟ ପୋଲିସ ଅଧିକାରୀ ଏବଂ ଟାଙ୍ଗନ ପୋଲିସ ଷ୍ଟେସନର ପୋଲିସ୍ ଜର୍କଟାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ପରିସ୍ଥିତି ଉପରେ ଦୃଢ଼ା ନଜର ରଖୁଛନ୍ତି । ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ମାମଲାର ସମାଧାନ ଏବଂ ସ୍ୱାଭାବିକତା ଫେରାଇ ଆଣିବା ପାଇଁ ଜେଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଥିବା ଜଣାପଡିଛି ।

ବରିଷ୍ଠ ନେତା ଆନନ୍ଦଚନ୍ଦ୍ର ମହାନ୍ତିଙ୍କ ପରଲୋକ



ରାଉରକେଲା,୨୪/୧୨(ନି/ପ୍ର): ବିଜେଡିର ବରିଷ୍ଠ ନେତା ଆନନ୍ଦଚନ୍ଦ୍ର ମହାନ୍ତିଙ୍କ ଗତ ୨୩ ଡିସେମ୍ବର ରାଉରକେଲାରେ ପରଲୋକ ଘଟିଛି । ଏହି ଖବର ପ୍ରକାଶିତ ହେବା ପରେ ରାଉରକେଲାରେ ବିଜେଡ଼ିର ନେତା ତଥା କର୍ମୀ ମହଲରେ ଶୋକର ଛାୟା ଖେଳିଯାଇଛି । ସେହି ମହାନଆତ୍ମାର ସଦ୍ଗତି କାମନା ଓ ଶ୍ରଦ୍ଧାଞ୍ଜଳି ଅର୍ପଣ ଉଦ୍ଦେଶ୍ୟରେ ସେକ୍ଟର-୩ ଜଗନ୍ନାଥ ମନ୍ଦିରରେ ଏକ ସମୂହ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ବିଜୁ ଜନତା ଦଳ, ରାଉରକେଲା ସାଙ୍ଗଠନିକ ଜିଲା କର୍ମୀ ଯୋଗ ଦେଇଥିଲେ । ଏହିପରି ଜଣେ ମହାନ ବ୍ୟକ୍ତିବିଶେଷଙ୍କ ପରଲୋକ ରାଉରକେଲା ତଥା ସୁନ୍ଦରଗଡ଼ବାସୀଙ୍କୁ ଗଭୀର ମର୍ମାହତ କରିଛି ।

ଶ୍ରଦ୍ଧାର ରୌପ୍ୟ ଜୟନ୍ତୀ ଉତ୍ସବ ୨୬ରେ

ରାଉରକେଲା, ୨୪/୧୨(ନି/ପ୍ର): ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ଅଧିକାର, ସମ୍ମାନ ଓ ସଶକ୍ତିକରଣ ପାଇଁ ସମର୍ପିତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ଶ୍ରଦ୍ଧା, ଏହାର ୨୫ ବର୍ଷର ସେବା ଅବସରରେ ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ ପ୍ରସ୍ତୁତି ବୃତ୍ତାନ୍ତ ହୋଇଛି ଯେ ଏହି ଉତ୍ସବ ୨୬ ଡିସେମ୍ବର ୨୦୨୫, ପ୍ରାତଃ ୧୧ଟାରୁ, ବସ୍ତିଆ ମେମୋରିଆଲ୍ ଟ୍ରଷ୍ଟ, ରାଉରକେଲା ଠାରେ ଆୟୋଜିତ ହେବ । ୧୯୯୯ ମସିହାରେ ପ୍ରତିଷ୍ଠିତ ଶ୍ରଦ୍ଧା ଗତ ୨୫ ବର୍ଷ ଧରି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ସମାବେଶୀ ଶିକ୍ଷା, ପୁନର୍ବାସ, କୌଶଳ ବିକାଶ ଏବଂ ସାମାଜିକ ମୂଲ୍ୟାରାରେ ସାମିଲ କରିବା ଦିଗରେ ଅବିରତ କାର୍ଯ୍ୟ କରିଆସୁଛି । ଏହି ରୌପ୍ୟ ଜୟନ୍ତୀ ଉତ୍ସବ ଭିନ୍ନକ୍ଷମଙ୍କ ଅଧିକାର ଓ ସମାବେଶୀ ବିକାଶ ପ୍ରତି ୨୫ ବର୍ଷର ଅତୁଟ ପ୍ରତିବଦ୍ଧତାକୁ ସ୍ମରଣ କରିବା ସହିତ ଭିନ୍ନକ୍ଷମଙ୍କ ବିକାଶ ଉପରେ ସ୍ୱତନ୍ତ୍ର ଆଲୋଚନା ହେବ । ଏହି ଅବସରରେ ସଂସ୍ଥାର ଯାତ୍ରାରେ ଅବଦାନ ରଖିଥିବା ସ୍ଥାପକ ଓ ପୂର୍ବତନ ଛାତ୍ରଛାତ୍ରୀମାନଙ୍କ ସମ୍ମାନରେ ବିଶେଷ "ଶ୍ରଦ୍ଧାଞ୍ଜଳି" ଅର୍ପଣ କରାଯିବ । ଶ୍ରଦ୍ଧାର ଅଧକ୍ଷ ଡ଼. ରାମକୃଷ୍ଣ ବିଶ୍ୱାଳଙ୍କ ସଭାପତି ତ୍ୱରେ ଅନୁଷ୍ଠିତ ଉତ୍ସବ ରେ ରଘୁନାଥପାଲିର ବିଧାୟକ ଶ୍ରୀ ଦୁର୍ଗା ଚରଣ ଚାଣ୍ଡୀ ଉଦଘାଟନୀ ଭାଷଣ ପ୍ରଦାନ କରିବେ । ଶ୍ରଦ୍ଧାର କାର୍ଯ୍ୟକର ଅଧକ୍ଷ ଶ୍ରୀ ପଶୁପତି ନାଥ ଚାଟର୍ଜୀ ମୁଖ୍ୟ ଭାଷଣ ରଖିବେ । କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ସ୍ମରୁପ ରୌପ୍ୟ ଜୟନ୍ତୀ ସ୍ମୃତିଗ୍ରନ୍ଥର ଉନ୍ମୋଚନ,ଶ୍ରଦ୍ଧା ଡକ୍ୟୁମେ[ରିଫିଲ୍ମ ପ୍ରଦର୍ଶନ, ଶ୍ରଦ୍ଧାର ୨୫ ବର୍ଷର ଯାତ୍ରା, ସଫଳତା ଓ ଭବିଷ୍ୟତ ଦୃଷ୍ଟିକୋଣ ଉପରେ ସବିବାସ ରିପୋର୍ଟ ପ୍ରସ୍ତୁତି ସହିତ ସ୍ଥାପକ ଓ ପୂର୍ବତନ କର୍ମଚାରୀମାନ ଙ୍କୁ ସମ୍ମାନ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ସରବା ପ୍ରସାଦ ନାୟକ ଯୋଗଦେବେ । ଶ୍ରୀମତୀ ତୁତ୍ତା ହରିଚନ୍ଦନ, ଓଡ଼ିଶା ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ, ଓଡ଼ିଶା ସରକାର ଉପସ୍ଥିତ ରହି ଭିନ୍ନକ୍ଷମଙ୍କ ଅଧିକାର ଓ ସଶକ୍ତିକରଣ ବିଷୟରେ ମତ ରଖିବେ । ସେହିପରି ଶ୍ରୀ ସନ୍ୟାସୀ ବେହେରା, ଓ.ଏ.ଏସ୍. (ଓ), ଭ ପ ସ ଚ ି ବ , ଏସ୍.ଏସ୍.ଜ.ପି.ଡି., ଓଡ଼ିଶା ସରକାର ଭିନ୍ନକ୍ଷମଙ୍କ ପାଇଁ ସରକାରୀ ପଦକ୍ଷେପ ବିଷୟରେ ଆଲୋଚନା କରିବେ । ସାମାଜିକ ସୁରକ୍ଷା କ୍ଷେତ୍ରରୁ ଶ୍ରୀମତୀ ମିନୁ ଚାଣ୍ଡିଆ, ଉପ-ବିଭାଗୀୟ ସାମାଜିକ ସୁରକ୍ଷା ଅଧିକାରୀ, ପାନପୋଷ ଯୋଗଦେବ ଭିନ୍ନକ୍ଷମଙ୍କ ପାଇଁ ଚାଲୁଥିବା ସାମାଜିକ ସୁରକ୍ଷା ଯୋଜନା ବିଷୟରେ ମତ ରଖିବେ । କର୍ପୋରେଟ୍ ଓ ସାମାଜିକ କ୍ଷେତ୍ରରୁ ଶ୍ରୀମତୀ ଅଭୁଣା ମାଗାଣ୍ଡି, ସିଏସଆର୍ ମୁଖ୍ୟ, ଟିପିଚକୁଓଡିଏଲ୍ ଏବଂ ଶ୍ରୀ ଗୌରିଶଙ୍କାର ପଣ୍ଡା, ଅଧକ୍ଷ, ଓଡ଼ିଶା ପରିବାର ମଧ୍ୟ ଉପସ୍ଥିତ ରହିବେ । ଏହି ଅବସରରେ ଶ୍ରଦ୍ଧା ଓ ଶ୍ରୀ ଏକାଡେମିକ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ଫ୍ୟାନ୍ସି ଡ୍ରେସ୍ ଏବଂ ସ୍ୱଜନାତ୍ମକ ପ୍ରସ୍ତୁତି ହେବ । ଏହା ଭିନ୍ନକ୍ଷମ ଶିଶୁମାନଙ୍କର ପ୍ରତିଭା, ଆତ୍ମବିଶ୍ୱାସ ଓ କ୍ଷମତାକୁ ପ୍ରତିଫଳିତ କରିବ । କାର୍ଯ୍ୟକ୍ରମର ଶେଷରେ ଶ୍ରଦ୍ଧାର ଉପାଧ୍ୟକ୍ଷ ଡ଼. ପ୍ରଭାକର ନାୟକ ଧନ୍ୟବାଦ ଜ୍ଞାପନ କରିବେ । ଏହି କାର୍ଯ୍ୟକ୍ରମ ଜୁ ସଂପର୍କ କରିବା ପାଇଁ ଶ୍ରଦ୍ଧା ପକ୍ଷରୁ ପ୍ରସ୍ତୁତି ବୈଠକ ରେ ସମସ୍ତ ପ୍ରସ୍ତୁତିକୁ ବୃତ୍ତାନ୍ତ ରୂପ ଦେଇଥିଲେ କ୍ଷ ସଭାପତି ବଦ୍ଧର ରାମକ୍ରିଷ୍ଣା ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ପଶୁପତିନାଥ ଚାଟର୍ଜୀ ଓ ସାଧାରଣ ସମ୍ପାଦକ ଜାର୍ଜିକଚନ୍ଦ୍ର ପାଣ୍ଡବ ପ୍ରମୁଖ ଏହାକୁ ସଫଳ କରିବା ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

ସ୍ପନ୍ଦନ ଆୟୋଜିତ ଜାତୀୟ ମହୋତ୍ସବର ୪ର୍ଥ ଦିବସ

ମଂଚସ୍ଥ ହେଲା ବାରଣାସୀର ମଧ୍ୟାନ୍ତର....

ରାଉରକେଲା,୨୪/୧୨(ନି/ପ୍ର): ପରିବାର କହିଲେ ପତି ଜ୍ଞାନ ଓ ପତ୍ନୀ ଛାୟା,ସେମାନଙ୍କର ସନ୍ତାନଟିଏ ହେଉ ନ ଥିବାରୁ ଦୁଃଖରେ ଦିନ କାଟୁଥିଲେ । ଅବସ୍ଥାତ ଏକ ଦୁର୍ଘଟଣା ଯୋଗୁଁ ଜ୍ଞାନ ଗୋଟେ ଗୋଡ ହରାଇଥିବା ଯୋଗୁଁ ଚାକିରି ହରାଇ ଘରେ ବସିବାକୁ ବାଧ୍ୟ ହେଲେ,ଅନ୍ୟ ପକ୍ଷେ ପତ୍ନୀ ଛାୟା ଚାକିରୀ କଲେ । ମଝିରେ ମଝିରେ ଜ୍ଞାନର ଜଣେ ସାଂଗ ଜୟନ୍ତ ଡାଂଗ ଘରକୁ ଯିବା ଆସିବା କରୁଥିଲେ । ଭ୍ରମଶଃ ଛାୟା ସହ ଜୟନ୍ତର ଅନ୍ତରଙ୍ଗତା ବଢିବା ଦେଖି କଂଯୁ ଭାବରେ ଜୟନ୍ତ ଛାୟାକୁ ବିବାହ କରିବାପାଇଁ ପ୍ରସ୍ତାବ ଦିଅନ୍ତି । ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଚାଲିଯା'ନ୍ତି ଜୟନ୍ତ ।ପରିଶେଷରେ ଗୋଟିଏ କୋର୍ଟ କାଗଜରେ ଜ୍ଞାନ ଛାୟାଙ୍କୁ ଛାଡପତ୍ର ଦେବାପାଇଁ ଗୋଟେ କୋର୍ଟକାଗଜରେ ଲେଖେଇ ନିଜ ଘର ଟେବୁଲ ଉପରେ ରଖି ଦେଇ ଶୋଇ ପଡିଲେ ଯାହାକୁ ଛାୟା ପରେ ଦେଖି ଚକିତ ହୋଇ ସେ କାଗଜକୁ ଚିରି ଦେଲେ ଓ ଜ୍ଞାନଙ୍କୁ ଉଠାଇ ତାଙ୍କୁ କ୍ଷମା ମାଗିବା ସହ ବିନା ସନ୍ତାନରେ ବୁଢେଇଁ ଛାଡପତ୍ର ନ ଦେଇ ହସ ଖୁସିରେ ରହିବେ ବୋଲି କହିଲେ । ନାଟକ ମଧ୍ୟନ୍ତରରେ ସମର୍ପଣ ଓ ତ୍ୟାଗର କଥା ବର୍ଣ୍ଣାଯାଇଛି । ଅଜୟ ରୋଷନଙ୍କ ନିର୍ଦ୍ଦେଶନା,ଶିବଙ୍କ ସଂଗୀତ ସଂଯୋଜନା,ନବ୍ୟାଙ୍କ ଆଲୋକ ସଂପାତ ,ଜ୍ୟୋତିଙ୍କ ରୂପସଜ୍ଜା ଓ ଗୋପାଲ,ଗୌତମ,ଜଙ୍କଲ,ଅମନଙ୍କ ମଂଚ ସଜ୍ଜାରେ ମଂଚସ୍ଥ ହୋଇଥିଲା ନାଟକ ।ବର୍ଣ୍ଣନ ଉପଯୋଗ କରିଥିଲେ ନାଟକ ।୨୪ଡିସେମ୍ବର ସଂଧ୍ୟାରେ କୋଲକତାର ଗୋବରଦଂଗା ଶିକ୍ଷାୟତନ ପରିବେଷଣ କରିବେ ବଂଗଭାଷାର ନାଟକ 'ଉତ୍ତମ ପୁରୁଷ ' ।କାର୍ଯ୍ୟକ୍ରମକୁ ସଂଚାଳନ କରୁଥିଲେ ଝିଲିମା ମହାନ୍ତି ଓ ସହଯୋଗ କରୁଥିଲେ କ୍ଷୀରୋଦ ବାଡତ୍ୟା,ଶିଶିର ମୁରାଣ,ରମେଶ ଗୌଡ,ଅମୂଲ୍ୟ ବେହେରା,ଜ୍ଞିଷ୍ଣୁ ସିଂ,ସୁବିଶ ମିଶ୍ର,ରାଜେଶ ବେହେରା ।

ସରସ୍ୱତୀ ବିଦ୍ୟା ମନ୍ଦିରର ୪୪ତମ ବାର୍ଷିକୋତ୍ସବ ସମ୍ପନ୍ନ

ରାଉରକେଲା,୨୪/୧୨(ନି/ପ୍ର): ରାଉରକେଲା ସହରର ବିର୍ଦ୍ଧୀ ବହର ରୋଡ୍‌ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରର ବୁଲ ବିବସୀୟ ୪୪ତମ ବାର୍ଷିକୋତ୍ସବ ବହୁଆଡ଼ମ୍ବରରେ ସମ୍ପନ୍ନ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟକୁ ରଙ୍ଗବେରଙ୍ଗର ଆଲୋକମାଳା ଓ ତୋରଣ ଦ୍ୱାରରେ ସଜ୍ଜିତ କରାଯାଇଥିଲା । ମା' ସରସ୍ୱତୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଶ୍ଚିମାଂଚଳ ପୁଲିସ ବିଆଇଜି ବ୍ରଜେଶ କୁମାର ରାୟ ଏବଂ ସମ୍ମାନିତ ଅତିଥି ଭାବେ ଗୋବିନ୍ଦ ରାମ ବାଗୁଡିଆ ଓ ଅରୁଣ ଅଗ୍ରୱାଲ ଯୋଗଦେବ କାର୍ଯ୍ୟକ୍ରମର ଶୋଭା ବଢ଼ାଇଥିଲେ । ବିଦ୍ୟାଳୟର ପ୍ରଧାନ ଅଧ୍ୟାପିକା ଶ୍ରୀମତୀ ସବିତା ପ୍ରଭା ସାହୁ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସଞ୍ଜୟ କୁମାର ଅଗ୍ରୱାଲ (ଅଧ୍ୟକ୍ଷ), ଚନ୍ଦ୍ରେଶ ଗୁପ୍ତା, ଉପସଭାପତି ବିଷ୍ଣୁ ଦୟାଲ ଅଗ୍ରୱାଲ, ଚୃଷ୍ଟି ଅଜୟ ଗୋୟଲ, ପ୍ରଭାରୀ ସଚିବ ଅରୁଣ କୁମାର ଜିନ୍ଦଲ, କୋଷାଧକ୍ଷ ଡାକ୍ତର ସୁରେଶ ବଂଶଲ, ପୂର୍ବତନ ସଭାପତି ବିକାଶ ଗୁପ୍ତା (ଅଧ୍ୟକ୍ଷ), କେଦାରନାଥ ଢେଢ଼ିଆ, ଓମ୍ ପ୍ରକାଶ ଅଗ୍ରୱାଲ, ଉମାଶଙ୍କର ସିଙ୍ଗଲ, ରାଜୀବ କୁମାର ଜିନ୍ଦଲ, ବିକାଶ ପନସାରୀ,ଘନଶ୍ୟାମ ଅଗ୍ରୱାଲ, ମନୋଜ ଅଗ୍ରୱାଲ ଏବଂ ସଞ୍ଜୟ ବଂଶଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ: ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନାଟକ, ନୃତ୍ୟ, ଲୋକସଙ୍ଗୀତ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଜର ପ୍ରତ